ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ସେଗୁଡ଼ିକୁ ଖାରଜ କରାଯିବା ନିମନ୍ତେ ନିବେଦନ କରି କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଶେର୍ଷା ସି. ଶେଖ୍ ମୋହିଦ୍ଦିନଙ୍କ ଏହି ୧,୩୩୨ ପୃଷ୍ଠାର ସତ୍ୟପାଠ ଦାଖଲ କରି ଆଇନର କୌଣସି ବ୍ୟବସ୍ଥା ଉପରେ ସ୍ଥଗିତାଦେଶକୁ ବିରୋଧ କରିଛନ୍ତି। ସାମ୍ବିଧାନିକ ଭାବେ ପାର୍ଲାମେଣ୍ଟରେ ଆଇନ ଗୃହୀତ ହୋଇଛି। ଏହାର କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାକୁ ନେଇ କୌତୂହଳପୂର୍ଣ୍ଣ ମିଥ୍ୟା ବର୍ଣ୍ଣନା କରାଯାଉଛି। ଶୁଣାଣି ବେଳେ ଉକ୍ତ ଚ୍ୟାଲେଞ୍ଜଗୁଡ଼ିକୁ ଅଦାଲତ ଅନୁଧ୍ୟାନ କରିବେ। ପ୍ରତିକୂଳ ପରିଣାମ ସମ୍ପର୍କରେ ଅବଗତ ନ ହୋଇ ଉକ୍ତ ବ୍ୟବସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ସ୍ଥଗିତ ନ କରିବାକୁ କେନ୍ଦ୍ର ସରକାର ନିବେଦନ କରିଛନ୍ତି।

## ସାବରକର ମନ୍ତବ୍ୟ: ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୫।୪(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ଏକ ରାଲିରେ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ପ୍ରତି ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟ ନିମନ୍ତେ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ତେବେ ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପରିହାସ କରା ନ ଯାଉ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

## ଆକ୍ରମଣ ଯୋଗୁ ଭାଙ୍ଗିଲା ସୀମାପାର ବିବାହ

### ପାକିସ୍ତାନ ଯାଉଥିବା ବରଙ୍କୁ ଅଟ୍ଟାରିରୁ ଫେରାଇଦିଆଗଲା

ବାର୍‌ମେର,୨୫।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ପଡ଼ୋଶୀ ଦେଶ ସହ ତିକ୍ତତା ବଢ଼ିଛି। ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି କେନ୍ଦ୍ର ସରକାର ଅଟ୍ଟାରି ସୀମାକୁ ସିଲ୍ କରିବା ସହ ବିଭିନ୍ନ କୂଟନୈତିକ କଟକଣା ଲଗାଇଛନ୍ତି। ଫଳରେ ଏକ ବହୁପ୍ରତୀକ୍ଷିତ ସୀମାପାର ବିବାହ ଅଟକିବା ସହ ରାଜସ୍ଥାନ ବାରମେର ଜିଲାର ପୁଅଘର ପରିବାରର ଆଶା ମଉଳିଯାଇଛି। ବାରମେରର ଜଣେ ଯୁବକ ଆସନ୍ତା ୩୦ରେ ପାକିସ୍ତାନର ଜଣେ ଯୁବତୀଙ୍କୁ ବିବାହ କରିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ବର ଜଣଙ୍କ ଗୁରୁବାର ବାରାତ ନେଇ ୱାଘା-ଅଟାରି ସୀମାରେ ପହଞ୍ଚିଥିଲେ। ତେବେ


ଶାଇନ୍ତନ ସିଂ

ସେମାନଙ୍କୁ ପାକିସ୍ତାନରେ ପ୍ରବେଶ ପାଇଁ ଅନୁମତି ନ ମିଳିବାରୁ ସେମାନେ ଫେରିଆସିବାକୁ ବାଧ୍ୟ ହୋଇଛନ୍ତି।

ବାରମେରର ୨୫ ବର୍ଷୀୟ ଶାଇନ୍ତନ ସିଂଙ୍କର ୪ ବର୍ଷ ପୂର୍ବେ ପାକିସ୍ତାନ ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ଅମରକୋଟ ଜିଲାର କେସାର କନୱାରଙ୍କ ସହ ନିର୍ବନ୍ଧ ହୋଇଥିଲା। ଏହା ପରେ ବର ପରିବାର ଦୀର୍ଘଦିନର ଉଦ୍ୟମ କ୍ରମେ ପାକିସ୍ତାନ ଯିବା ପାଇଁ ଗତ ଫେବୃଆରୀରେ ଭିଜା ପାଇଥିଲେ। ଭିଜା ସମୟ ସୀମା ମେ' ୧୨ ପର୍ଯ୍ୟନ୍ତ ଥିବାରୁ ବିବାହ ତାରିଖ ଏପ୍ରିଲ ୩୦କୁ ଚୂଡ଼ାନ୍ତ ହୋଇଥିଲା। ତେବେ ବାରାତ୍ ଅଟାରି ସୀମା ଅତିକ୍ରମ କରିବା ପୂର୍ବରୁ ଆତଙ୍କବାଦୀ ଆକ୍ରମଣକୁ ନେଇ କୂଟନୈତିକ କଟକଣା ଜାରି ସ୍ୱରୂପ ସୀମା ସିଲ୍ କରିଦିଆଯାଇଥିଲା। ଫଳରେ ବରଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି।

## ଆମୀରଙ୍କ ସ୍ୱପ୍ନର ପ୍ରୋଜେକ୍ଟ 'ମହାଭାରତ'

ମୁମ୍ବାଇ

ବଲିଉଡ୍ ଅଭିନେତା ଆମୀର ଖାନ୍ ଦୀର୍ଘ ଦିନ ଧରି ଅଭିନୟରୁ ଦୂରେଇ ରହିଛନ୍ତି। ୨୦୨୨ରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଲାଲ୍ ସିଂ ଚଡ୍ଢା'ରେ ତାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ କିଛି ଖାସ୍ କରିପାରି ନ ଥିଲା। ଏହାପରଠାରୁ ଆମୀର ନିଜର ଅନେକ ପ୍ରୋଜେକ୍ଟ ବିଷୟରେ ଘୋଷଣା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସେଗୁଡ଼ିକର କୌଣସି ଅପ୍‌ଡେଟ୍ ସାମ୍ନାକୁ ଆସିନାହିଁ। ନିକଟରେ ଏକ ସାକ୍ଷାତ୍କାରରେ ଆମୀର 'ମହାଭାରତ' ସିରିଜ୍‌ର ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ହିନ୍ଦୁଧର୍ମର ପ୍ରସିଦ୍ଧ ମହାକାବ୍ୟ 'ମହାଭାରତ' ସିରିଜ୍‌ର ନିର୍ମାଣ କରିବା ତାଙ୍କ ପାଇଁ କୌଣସି ସ୍ୱପ୍ନଠାରୁ କମ୍ ହେବ ନାହିଁ। ଏଥିପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ମାଣ ପାଇଁ ଅଧିକ ସମୟ ଆବଶ୍ୟକ କାରଣ କେବଳ ଫିଲ୍ମର ଲେଖା ପାଇଁ ଅଳ୍ପ କିଛି ବର୍ଷର ସମୟ ଲାଗିଯିବ। ସେହିପରି ମହାଭାରତ ଭଳି ବୃହତ୍ ମହାକାବ୍ୟର ପୂରା କାହାଣୀକୁ ଗୋଟିଏ ଫିଲ୍ମରେ ଦେଖାଇବା ସମ୍ଭବପର ହେବ ନାହିଁ। ତେଣୁ ସେ ନିଜର ଏହି ମହତ୍ତ୍ୱାକାଂକ୍ଷା ପ୍ରୋଜେକ୍ଟକୁ ବିଭିନ୍ନ ନିର୍ଦ୍ଦେଶକଙ୍କ ସହ ଏକାଧିକ ଭାଗରେ ନିର୍ମାଣ କରିବେ ବୋଲି ଆମୀର କହିଛନ୍ତି।


ଆମୀର ଖାନ୍

# ଦମନ କାର୍ଯ୍ୟକ୍ରମ ମ୍ୟାଲେରିଆ ଜ୍ୱରକୁ ରୋକିପାରୁନି

ନୟାଗଡ,୨୫।୪(ଲୋକନାଥ ମିଶ୍ର)

■ଜ୍ୱର ଟେଷ୍ଟ ପରେ ଚିହ୍ନଟ ୩୭୫ ପ୍ରତିଶତ ବ୍ରେନ ମ୍ୟାଲେରିଆ ରୋଗୀ

■ମଧଖଣ୍ଡ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ କାୟା ବିସ୍ତାର କରୁଛି

ମ୍ୟାଲେରିଆକୁ ଦମନ କରିବାକୁ ରାଜ୍ୟ ସରକାରଙ୍କର ଦମନ (ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ) କାର୍ଯ୍ୟକ୍ରମ ଚାଲୁ ରଖିବଛନ୍ତି। ହେଲେ ନୟାଗଡ଼ ଜିଲାରେ ଏହା ଦମନ ହୋଇ ପାରୁନାହିଁ। ରାଜ୍ୟ ସରକାରଙ୍କର ଚଳିତବର୍ଷ ବିଶ୍ୱ ମ୍ୟାଲେରିଆ ଦିବସର ବାର୍ତ୍ତା ପୁନଃ ବିନିଯୋଗ, ପୁନଃ ଚିନ୍ତନ, ପୁନୋରୁଉଦ୍ପିତର ପରାମର୍ଶ କେତେଦୂର ରୋଗକୁ ଦମନ କରୁଛି ତାହା ସମୟ କହିବ। ୨୦୨୪ର ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ୩୭୫ ପ୍ରତିଶତ ରୋଗୀଙ୍କ ବ୍ରେନ ମ୍ୟାଲେରିଆ ରିପୋର୍ଟ ଆସିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଅନ୍ୟପକ୍ଷେ ଜିଲାର ସବୁ ଅଞ୍ଚଳରେ ମ୍ୟାଲେରିଆ ରୋଗ ଆଉ କାୟା ବିସ୍ତାର କରିପାରିନାହିଁ। କେବଳ ମଧଖଣ୍ଡ ଓ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କିଛି ଗାଁରେ ମ୍ୟାଲେରିଆ ରୋଗ ଚିନ୍ତାର କାରଣ ପାଲଟିଛି।

ମ୍ୟାଲେରିଆ ରୋଗକୁ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଦମନ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କାର୍ଯ୍ୟକ୍ରମରେ ୯୩ଟି କ୍ୟାମ୍ପ ୨୦୨୪ରେ ହୋଇ ସାରିଛି। ୨୦୨୪ ରିପୋର୍ଟ ଅନୁସାରେ, ଜିଲାର ୨ ଲକ୍ଷ ୨୮ ହଜାର ୨୬୦ ଜ୍ୱର ରୋଗୀଙ୍କ ମ୍ୟାଲେରିଆ ଟେଷ୍ଟ କରାଯାଇଥିଲା। ଏଥିରୁ ୬୩୫ ରୋଗୀ ମ୍ୟାଲେରିଆ ରୋଗୀଥିବା ଚିହ୍ନଟ ହୋଇଥିଲେ। ଚିହ୍ନଟଙ୍କ ମଧ୍ୟରୁ ୩୭୫ (୫୯.୦୬ ପ୍ରତିଶତ) କେବଳ ମ୍ୟାଲେରିଆ ରୋଗୀ ବୋଲି ଜଣାପଡ଼ିଥିଲା। ଅପରପକ୍ଷେ ଦେଶରେ ମ୍ୟାଲେରିଆ ରୋଗ କ୍ଷେତ୍ରରେ ଓଡ଼ିଶା ପ୍ରଥମରେ ରହିଛି। ଓଡ଼ିଶାର କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ମାଲକାନାଗିରି, ବୌଦ୍ଧ, କୋରାପୁଟ ଅଞ୍ଚଳରେ ବେଶୀ ରୋଗୀ ଦେଖା ଯାଉଛନ୍ତି। ୨୦୨୪ ରିପୋର୍ଟ ଅନୁସାରେ, ରାଜ୍ୟରେ ୧୦୦୦ ଲୋକଙ୍କ ମଧ୍ୟରେ ୧.୪୮ ପ୍ରତିଶତ ରୋଗୀ ଥିବାବେଳେ ନୟାଗଡ଼ ଜିଲାରେ ୦.୫୯ ପ୍ରତିଶତ ରୋଗୀ ଦେଖାଯାଇଛନ୍ତି। ଏହି ରିପୋର୍ଟରେ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୧.୭୯ ପ୍ରତିଶତ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୧୨୭ ପ୍ରତିଶତ, ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୦.୪୧ ପ୍ରତିଶତ, ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୦.୩୪ ପ୍ରତିଶତ, ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୦.୩୧ ପ୍ରତିଶତ, ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୦.୨୭ ପ୍ରତିଶତ, ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୦.୧୯ ପ୍ରତିଶତ, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୦.୧୦ ପ୍ରତିଶତ ରୋଗୀ ବାହାରିଥିଲେ। ତେବେ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର କଳସଖମଣ ନୂଆଗାଁ, ବାଣିଗୋଛା, ଚଢ଼େୟାପଲ୍ଲୀ, କୁଜାମେଣ୍ଠି, ଟାକେରା, ପୋଖରୀଗୋଛା, ନରାଜିପଡ଼ା, ଘୁଗୁଡିପଡ଼ା ଗାଁ ଏବଂ ଶରରକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ଗିରିଡିପଲ୍ଲୀ, ଅଭିମାନପୁର, ଦଣ୍ଡୋର, ରଙ୍ଗଣୀପାଟଣା, ବାଙ୍କତରା ଗାଁ ହାଇ ଆଲର୍ଟରେ ରହିଛି। ଏହି ଗାଁଗୁଡିକରେ ଅଧିକାଂଶ ରୋଗୀ ବାହାରୁଛନ୍ତି। ସମ୍ପୃକ୍ତ ଗାଁଗୁଡିକକୁ ଚିହ୍ନଟ କରି ସ୍ୱାସ୍ଥ୍ୟ ବିଭାଗ ସେଠାରେ ରୋଗ ଦମନ ପାଇଁ ଚେଷ୍ଟା ଜାରି ରଖିଛି।

## ଆଶ୍ରମ ସ୍କୁଲରେ ରୋଗୀ ବଢୁଛନ୍ତି

ନୟାଗଡ଼ ଜିଲାର ବିଭିନ୍ନ ଆଶ୍ରମ ସ୍କୁଲରେ କନ୍ଧମାଳ, ରାୟଗଡା, କଳାହାଣ୍ଡି, ମାଲକାନାଗିରି, ବୌଦ୍ଧ, କୋରାପୁଟ ପରି ଜିଲାର ବି ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଛୁଟି ହେଲେ ଛାତ୍ରୀଛାତ୍ର ଘରକୁ ଯିବା ପରେ ରୋଗ ଧରି ସ୍କୁଲକୁ ଫେରୁଛନ୍ତି। ସେହିପରି ନୟାଗଡ଼ ଜିଲାର ଅନେକ ଲୋକ କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ମାଲକାନାଗିରି, ବୌଦ୍ଧ, କୋରାପୁଟ ପରି ଜିଲାରେ ଚାକିରି କରିଛନ୍ତି ଓ ବିଭିନ୍ନ ପ୍ରକାର କାମ ପାଇଁ ଯାଉଛନ୍ତି। ଗାଁକୁ ଫେରିଲା ପରେ ଅନେକ ଲୋକ ମ୍ୟାଲେରିଆ ରୋଗରେ ପଡୁଛନ୍ତି। ଏଣୁ ଜିଲାରେ ଏପରି କିଛି କାରଣରୁ ରୋଗୀ ବଢ଼ିବାରେ ଲାଗିଛନ୍ତି। ଏ ନେଇ ସିଡିଏମ୍‌ଓ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ଜିଲାରେ ମ୍ୟାଲେରିଆ ରୋଗ ଘାତକ ହୋଇ ରହିନାହିଁ। ରୋଗ ନିୟନ୍ତ୍ରଣରେ ରହିଛି। ରୋଗର ମୂଳପ୍ରାଟନ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ରୋଗୀ ଜ୍ୱର ହେଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଆନ୍ତୁ। ଆଶାକର୍ମୀଙ୍କୁ ଦେଖା କରନ୍ତୁ। ଔଷଧ ଠିକ୍‌ରେ ଖାଆନ୍ତୁ। ରୋଗ ଭଲ ହେବାକୁ ଗୁଣିଆ ପାଖକୁ ଯାଆନ୍ତି ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ମୂଳୋତ୍ପାଟନ ପାଇଁ ସଚେତନତା ଜାରି ରହିଛି। ସହଯୋଗ ମିଳିଲେ ଏହା ପୁରା ଦମନ ହୋଇଯିବ ବୋଲି ସେ କହିଛନ୍ତି।

### ଗୁଣିଆ ପାଖକୁ ଯାଉଛନ୍ତି ମ୍ୟାଲେରିଆ ରୋଗୀ

ଜ୍ୱର ଭଲ ନ ହେଲେ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ ଜ୍ୱରର ନିରାକରଣ ପାଇଁ ଗୁଣିଆ ପାଖକୁ ଯାଉଥିବା ଜଣାପଡ଼ିଛି। ଦଶପଲ୍ଲା ବ୍ଲକର ବିଭିନ୍ନ ଦୁର୍ଗମ ଗାଁରେ ଏଭଳି ହେଉଥିବା ଅଭିଯୋଗ ଉଠିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ଏହାକୁ ସ୍ୱୀକାର କରାଯାଇଛି। ଅନ୍ୟପକ୍ଷେ ମ୍ୟାଲେରିଆ ହେବା ପରେ ରୋଗୀ ଠିକ୍ ଭାବେ ଔଷଧ ଖାଉନାହାନ୍ତି। ଯାହାକି ଚିନ୍ତାର କାରଣ ପାଲଟିଛି।

# ୨ ଗ୍ରାମବାସୀଙ୍କୁ ୫ ଦିନ ପରେ ବିଦ୍ୟୁତ୍ ସେବା ମିଳିଲା

ଖଣ୍ଡପଡ଼ା,୨୫।୪ (ଅଜୟ କୁମାର ମହାରଣା)

### କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ସେବା ବ୍ୟାହତ

କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବ୍ୟାହତ ହେଉଥିବାବେଳେ ଲୋକେ ଅସୁବିଧା ମଧ୍ୟରେ ଗତି କରୁଛନ୍ତି। ତେବେ ବଣ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କୋସକା ପଞ୍ଚାୟତର ୨ଟି ଗ୍ରାମ ରତାଖଣ୍ଡୀ ଓ ଗୁରିଆବାରୀ ଅଞ୍ଚଳରେ ୫ ଦିନ ହେଲା ବିଦ୍ୟୁତ ସେବା ବ୍ୟାହତ ଯୋଗୁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନରେ ଥିବା ସମ୍ପୃକ୍ତ ୨ ଗ୍ରାମକୁ ଗଣିଆ ବ୍ଲକ ଅଞ୍ଚଳର ଗଣିଆ ବିଦ୍ୟୁତ ସେକ୍ସନ ପକ୍ଷରୁ ବିଦ୍ୟୁତ୍ ସେବା ଯୋଗଇ ଦିଆଯାଇଛି। କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ଖୁଣ୍ଟ ଓ ତାରକୁ ବିଦ୍ୟୁତ ବିତରଣ କମ୍ପାନୀ(ଟିପିସିଓଡିଏଲ) ପକ୍ଷରୁ ସଜଡା ଯିବା ପରେ ସରବରାହ ସ୍ୱାଭାବିକ ହେବା ସହ ଉକ୍ତ ୨ ଗ୍ରାମର ବାସିନ୍ଦା ୫ ଦିନ ପରେ ବିଦ୍ୟୁତ୍ ସେବା ପାଇଛନ୍ତି। ଗଣିଆ ଅଞ୍ଚଳରୁ ଉକ୍ତ ୨ ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛ। ତେଣୁ ଗଣିଆ ପରିବର୍ତ୍ତେ ଖଣ୍ଡପଡ଼ା ନଡୁବା କଣ୍ଟିଲୋ ସେକ୍ସନରୁ ଉକ୍ତ ୨ ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଗଲେ ଗ୍ରାମବାସୀ ବିଶେଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନିତ ଶିଶୁକନ୍ୟାଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼,୨୫।୪ (ଲୋକନାଥ ମିଶ୍ର)

ଓଡ଼ଗାଁ ବ୍ଲକ ଶିଖରପୁର ପଞ୍ଚାୟତ ପକ୍ଷରୁ ଅଢ଼େଇ ବର୍ଷର ଶିଶୁକନ୍ୟା ରତିକା ପାଳଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ସନ୍ୟାସୀ ପ୍ରଧାନଙ୍କ ସମେତ ସମସ୍ତ ୱାର୍ଡ଼ସଭ୍ୟାସଭ୍ୟ, ସମିତିସଭ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ରତିକାଙ୍କ ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଚଳିତ ମାସ ୧୧ ତାରିଖରେ କୁନି ଝିଅ ରତିକା ଅଳ୍ପ ବୟସରେ ଅସୀମ ଜ୍ଞାନ ବଳରେ ଅନ୍‌ଲାଇନ୍ ମାଧ୍ୟମରେ ୨୦ଟି ବିଷୟରେ ବିଭିନ୍ନ ପ୍ରଶ୍ନର ନିର୍ଭୁଲ ଉତ୍ତର ପ୍ରଦାନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ -୨୦୨୫ ରେ ସ୍ଥାନୀତ ହୋଇଥିଲେ।



ରତିକା ପାଳଙ୍କୁ ଶିଖରପୁର ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ସଚେତନତା ମ୍ୟାଲେରିଆର ନିରାକରଣ



ପ୍ରଶାସନ ପକ୍ଷରୁ ମ୍ୟାଲେରିଆ ନିରାକରଣ ଲାଗି ଶପଥ ପାଠ କରାଯାଉଛି।

ନୟାଗଡ଼,୨୫।୪(ଲୋକନାଥ ମିଶ୍ର)

### ବିଶ୍ୱ ମ୍ୟାଲେରିଆ ଦିବସରେ ଶପଥ ପାଠ

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଶୁକ୍ରବାର ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ସିଡିଏମ୍‌ଓ ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ, ସମସ୍ତଙ୍କ ସହଭାଗିତାରେ ମ୍ୟାଲେରିଆ ନିରାକରଣ କରାଯାଇପାରିବ। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର କହିଥିଲେ, ଯେତେବେଳେ ମୁଁ ମଲ୍ଟି ପ୍ରପୋଜ ହେଲର୍ଥ ୱାର୍କର ରୂପେ କାମ କରୁଥିଲି ସେତେବେଳେ ମୋର ପ୍ରତିବର୍ଷ ମ୍ୟାଲେରିଆ ଜ୍ୱର ହେଉଥିଲା। ଆଗରୁ ଯେପରି ମ୍ୟାଲେରିଆ ନୟାଗଡ଼ରେ ଘାତକ ସାଜିଥିଲା ଏବେ ଆଉ ସେପରି ରୂପ ନାହିଁ। ଏଣୁ ମିଳିମିଶି କାମ କଲେ ଜିଲାରେ ମ୍ୟାଲେରିଆ ଶୂନ ହୋଇଯିବ। ଏଣୁ ସଚେତନତା ଉପରେ ଗୁରୁତ୍ୱ ଦେଲେ ରୋଗ ଦୂରେଇ ଯିବ। ସିଡିଏମ୍‌ଓ ଦାସ ମ୍ୟାଲେରିଆ ରୋଗର ଲକ୍ଷଣ ଓ ନିରାକରଣ ଉପରେ କହିଥିଲେ।। ମାଈ ଆନୋଫିଲିସ ମଶା କାମୁଡ଼ିଲେ ମ୍ୟାଲେରିଆ ଜ୍ୱର ହୋଇଥାଏ। ଅଣ୍ଡିରା ମଶା କାମୁଡି ନ ଥାଏ। ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ କୀଟନାଶକ ଔଷଧ ସିଞ୍ଚନ ବର୍ଷକୁ ୨ ଥର ବର୍ଷା ଋତୁ ଆରମ୍ଭରେ ଓ ଶେଷରେ ମେ ଏବଂ ସେପ୍ଟେମ୍ବର ମାସରେ କରାଯାଏ। ଥରେ କୀଟନାଶକ ଔଷଧ ସିଞ୍ଚନ କରାଗଲେ ଏହା ୩ ମାସ ପର୍ଯ୍ୟନ୍ତ କାମ କରିଥାଏ। ଜ୍ୱର ହେଲେ ଆଶା କର୍ମୀଙ୍କ ପାଖକୁ ଯାଆନ୍ତୁ। ଚଢ଼େୟାପଲ୍ଲୀ ପରି ଅଞ୍ଚଳରେ ରୋଗୀ ଜ୍ୱର ଭଲ ପାଇଁ ଗୁଣିଆ ପାଖକୁ ଯାଆନ୍ତି। ନିଜେ ସଚେତନତା ହୁଅନ୍ତୁ ଓ ଅନ୍ୟକୁ ସଚେତନତା କରନ୍ତୁ। ଆଗପରି ଆଉ ମ୍ୟାଲେରିଆ ରୋଗ ଘାତକ ହୋଇ ରହି ନାହିଁ। ସମସ୍ତଙ୍କ ଉଦ୍ୟମ ରହିଲେ ଆର ବର୍ଷ ବିଶ୍ୱ ମ୍ୟାଲେରିଆ ଦିବସକୁ ମ୍ୟାଲେରିଆ ରୋଗ ଶୂନ ହୋଇଯିବ। ଆଶା କର୍ମୀମାନେ ଗାଁକୁ ଯାଇ ଘରକୁ ଘର ବୁଲିବେ। ରୋଗୀଙ୍କୁ ଔଷଧ ଖୁଆଇ ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଅତିଥି, ଯୋଗ ଦେଇଥିବା କର୍ମଚାରୀ ଓ ଅନ୍ୟମାନେ ମ୍ୟାଲେରିଆକୁ ନିରାକରଣ ପାଇଁ ପଦକ୍ଷେପ ନେବାକୁ ଶପଥ ପାଠ କରିଥିଲେ।

# ଡ୍ରେନ ପାଣି ଯୋଗୁ କୁସୁମୀ ନଦୀ ଜଳ ଦୂଷିତ

ଖଣ୍ଡପଡ଼ା,୨୫।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ପାର୍ଶ୍ୱ ଦେଇ ପ୍ରବାହିତ ହେଉଛି କୁସୁମୀ ନଦୀ। ଏକଦା କୁସୁମୀ ନଦୀର ଜଳରେ ସହରବାସୀ ଦୈନିକ ସ୍ନାନ ଆଦି କରିବା ସହ ଏହାର ପାଣିକୁ ବ୍ୟବାହାର କରୁଥିଲେ। କୁସୁମୀ ନଦୀର ସ୍ୱଚ୍ଛ ଜଳରାଶି ନଦୀ ତଟବର୍ତ୍ତୀ ଗ୍ରାମର ବାସିନ୍ଦାଙ୍କ ତୃଷା ମେଣ୍ଟାଉ ଥିଲା। ମାତ୍ର ଏବେ ସମୟ ବଦଳି ଯାଇଛି। ଡ୍ରେନ ଯୋଗେ ଖଣ୍ଡପଡ଼ା ସହରାଞ୍ଚଳର ଆବର୍ଜନା ପାଣି କୁସୁମୀ ନଦୀରେ ମିଶୁଛି। ଫଳରେ ନଦୀର ଜଳ ଦୂଷିତ ହେବାରେ ଲାଗିଛି। ନଦୀର ଦୂଷତ ଜଳରେ ସହରବାସୀ ସ୍ନାନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସହରାଞ୍ଚଳର ଡ୍ରେନେଜ ପାଣି କୁସୁମୀ ନଦୀକୁ ନଛାଡ଼ିବା ପାଇଁ ୮ ଓ ୯ ନଂ. ୱାର୍ଡବାସିନ୍ଦା ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଡ୍ରେନେଜ ପାଣି ଯୋଗୁ ନଦୀର ଜଳ ଦୂଷିତ ହେଉଥିବାରୁ ପରିବେଶବିତ୍‌ମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୁସୁମୀ ନଦୀକୁ ଡ୍ରେନ ପାଣି ନ ଛାଡ଼ିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏଥିପ୍ରତି ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଦ୍ୟୁତ୍



@ ବିଭୁ



@ ଦେବବ୍ରତ



@ ଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପାଇଁ ମହମବତି ଶୋଭାଯାତ୍ରା

ଶରଣକୁଳ, ୨୫।୪ (ଦୀପକ କର)

ଶରଣକୁଳ ଟାଉନ କ୍ଲବ ପକ୍ଷରୁ ଜମ୍ମୁ କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀ ଆକ୍ରମଣରେ ନିହତ ସେନା ଅଧିକାରୀ ଓ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏକ ମହମବତି ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦୀପକ ସାହୁଙ୍କ ନେତୃତ୍ୱରେ ଟାଉନ କ୍ଲବର ସଦସ୍ୟ ସମେତ ସ୍ଥାନୀୟ ପୂର୍ବତନ ଜିଲା ପରିଷଦ ମଦନ ନନ୍ଦ, ସରପଞ୍ଚ ମୀନାକ୍ଷି ପ୍ରସାଦ ସାହୁ, ଭାଜପା ନୟାଗଡ଼ ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ମନୋରଞ୍ଜନ ମହାପାତ୍ର ଏବଂ ଶତ୍ରୁଘ୍ନ ରାଉତ, ବବୁଲ ବଡ଼ପଣ୍ଡା, ଶୈବ ସେବାୟତ ସଂଘ ସଭାପତି ଅଶୋକ ମହାପାତ୍ର, ବହୁ ସଂଖ୍ୟାରେ ଯୁବକ ଏବଂ ବୟସ୍କ ବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି ଶରଣକୁଳ ବଜାର ସମେତ ସମସ୍ତ ଗ୍ରାମ ପରିକ୍ରମା କରିଥିଲାବେଳେ ଭାରତ ମାତାକି ଜୟ, ହିନ୍ଦୁସ୍ତାନ ଜିନ୍ଦାବାଦ, ପାକିସ୍ତାନ ମୁର୍ଦାବାଦ ଓ ଆତଙ୍କବାଦୀଙ୍କ ବିରୋଧରେ ସ୍ଲୋଗାନ ମାନ ଦିଆଯାଇଥିଲା।




ଶରଣକୁଳରେ ବାହାରିଥିବା ମହମବତି ଶୋଭାଯାତ୍ରା।

# ୫୫ ଫୁଟ୍ ଉଚ୍ଚ କାଷ୍ଠ ରାବଣର ମୁଖା କରାଗଲା ବ୍ରକ

ରଣପୁର, ୨୫।୪ (ସୁକାନ୍ତ କିଶୋର ଡାକୁଆ)

### ରଣପୁରରେ ଲଙ୍କାପୋଡ଼ି ଯାତ୍ରା ଶେଷ

ରଣପୁରର ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଶୁକ୍ରବାର ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମଙ୍କ ବ୍ରହ୍ମା ଅସ୍ତ୍ରରେ ରାବଣ ନିହତ ହେବାପରେ ୫୫ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ ହୋଇଥିଲା। ପରେ ସେଠାରେ ଆତସବାଜି ହୋଇଥିଲା। ଏହା ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଜନ ସମାଗମ ହୋଇଥିଲା। ପବିତ୍ର ଚୈତ୍ର ମାସ ଶ୍ରୀରାମ ନବମୀଠାରୁ ରଣପୁର ନୂଆଗାଁ ଗ୍ରାମରେ ୨୦ଦିନ ପର୍ଯ୍ୟନ୍ତ ଶ୍ରୀରାମ ଲୀଳା ଅନୁଷ୍ଠିତ ହୋଇଥିଲା। ଏହି ରାମଲୀଳ ୧୯୫୫ ମସିହାଠାରୁ ଏଠାରେ ଚାଲି ଆସୁଛି। ଶ୍ରୀରାମ ନବମୀ ଦିନ କଳସ ସ୍ଥାପନ, ବିଗ୍ରହ ପୂଜା, ମାନସିକ ଧାରି ପଇତା ଧାରଣ କରିଥିଲେ। ଏହି ପର୍ବର ଶୁକ୍ରବାର ଅନ୍ତିମ ଦିବସରେ ଅସତ୍ୟ ଉପରେ ସତ୍ୟର ବିଜୟ, ଅନ୍ୟାୟ ଉପରେ ନ୍ୟାୟର ଜୟ ହୋଇଛି। ରାବଣ ପୋଡ଼ ନୀତି ରାବଣ ପୋଡ଼ି ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏହାର ମୁଖ୍ୟ ଆକର୍ଷଣ ୫୫ ଫୁଟ ରାବଣ ପ୍ରତିମୂର୍ତ୍ତୀ ଓ ଅନେକ ରଙ୍ଗୀନ ଅତସବାଜି ସହିତ ସନ୍ଧ୍ୟାରେ ଭଜନ ସମାରୋହ ମଧ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଣପୁର ରାଜା ଦିଲୀପ ଚନ୍ଦ୍ର ନରେନ୍ଦ୍ର ଓ ରାଜ କୁମାର କୌଶିକ ସିଂଦେଓଙ୍କ କରକମଳରେ ମଞ୍ଚ ଉଦ୍‌ଘାଟନ ଓ ରାବଣ ପୋଡ଼ି ନୀତି ଆରମ୍ଭ ହୋଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରଙ୍ଗୀନ ମହାନ୍ତି, ପ୍ରିୟବ୍ରତ ପ୍ରହରାଜ, ମୁଦେଇ ପାର୍ଥ ସାରଥୀ ମିଶ୍ର, ପରିମୁଦେଇ ମାନସ କୁମାର ମହାପାତ୍ର, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ରାମାୟଣରେ ୨୦ ଦିନ ଧରି କଳାକାର ଭାବେ ଶ୍ରୀରାମ ଭୂମିକାରେ ଜଗନ୍ନାଥ ଦାସ, ଲକ୍ଷ୍ମଣ ସତ୍ୟପ୍ରିୟ ଦାସ, ସୀତା ଜ୍ଞାନ ରଞ୍ଜନ ଦାସ, ହନୁମାନ ଦୀପକ ପ୍ରଧାନ, ଶିବ ପପୁ, ପାର୍ବତୀ କିରଣ ପ୍ରଧାନ, ସୁଗ୍ରୀବ ବିଶ୍ୱଜିତ ଘଡେଇ, ବିଭିଷଣ ଜଟି ବେହେରା, ରାବଣ କୃଷ୍ଣ ଚନ୍ଦ୍ର ନାୟକ, ମହିରାବଣ ଲକ୍ଷ୍ମୀପ୍ରସାଦ ବଳୀୟାର ସିଂ, ଇନ୍ଦ୍ରଜିତ ବିଭୁ ପ୍ରସାଦ, ସକ୍ଷୀ ରାକେଶ ନାୟକ, ଗାୟକ ମୂଷା ସାହୁ, ବାୟକ ସ୍ୱପ୍ନେଶ୍ୱର ନାୟକ, ବୈକୁଣ୍ଠ, ପାଳିଆ ଗୁରୁବାରୀ, ପାଣ୍ଡୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ରଘୁନାଥ ଦେବ ଯୁବକ ସଂଘ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନା ହୋଇଥିଲା। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାହାରୁ ଆସିଥିବା ଅନେକ ଦର୍ଶକ ଆତସବାଜି ଓ ଭଜନ ସମାରୋହରେ ଦେଖିଥିଲେ।



ରଣପୁରରେ ପ୍ରସ୍ତୁତ କାଷ୍ଠର ରାବଣ ମୂର୍ତ୍ତି।

# ପାଣି ପାଇଁ ଡହଳବିକଳ ପାରାଦୀପ ବାସିନ୍ଦା

## ମାଟି ଶୁଖି ଫାଟିଲାଣି ତାଳଦଣ୍ଡା କେନାଲ

ପାରାଦୀପ,୨୫।୪(ଶରତ ରାଉତ)


ତାଳଦଣ୍ଡା କେନାଲରେ ପାଣି ଶୁଖିଯାଇଛି।

ଉପକୂଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏପରି ସମୟରେ ପାରାଦୀପ ଶିଳ୍ପାଞ୍ଚଳରେ ବର୍ତ୍ତମାନ ଜଳସଙ୍କଟ ଦେଖାଦେଇଛି। ପାରାଦୀପ ସମେତ ଜଗତ୍‌ସିଂହପୁର ଜିଲା ପାଇଁ ଜୀବନରେଖା କୁହାଯାଉଥିବା ତାଳଦଣ୍ଡା କେନାଲ ଏବେ ଶୁଖିଲା ପଡ଼ିଛି। ଏପରିକି କେତେକ ସ୍ଥାନରେ ପାଣି ଶୁଖି ମାଟି ଫାଟିଯାଇଛି। ଆଉ କେତେକ ସ୍ଥାନରେ ଘାସବଣ ହୋଇଗଲାଣି। ତାଳଦଣ୍ଡା କେନାଲ ଶୁଖିଯିବା ଯୋଗୁ ଅଧିକ ପ୍ରଭାବିତ ହେଉଛି ପାରାଦୀପ ବନ୍ଦର ସହର। ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। କାରଣ ଜଳାଶୟରେ ଆଉ ପାଣି ନାହିଁ। ଯେଉଁ ସ୍ୱଳ୍ପ ପାଣି ଅଛି ତାକୁ କାଟଛାଣ୍ଟ କରି ଯୋଗାଣ କରାଯାଉଛି। ସମାନ ଅବସ୍ଥା ସବୁ ଶିଳ୍ପ ସଂସ୍ଥା ଓ ତାଙ୍କ ଟାଉନଶିପ୍ ଅଞ୍ଚଳରେ ହେଲାଣି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ଓ ଅନ୍ୟ ବୃହତ୍ ଶିଳ୍ପସଂସ୍ଥା ପାଇଁ ଦୈନିକ ୭ରୁ ୮ ଗ୍ୟାଲନ ପାଣି ଆବଶ୍ୟକ ହେଉଛି। ଉକ୍ତ ପାଣି ମହାନଦୀ କଟକ କାଠଯୋଡ଼ି ଆନିକଟରୁ ତାଳଦଣ୍ଡା କେନାଲ ଦେଇ ପାରାଦୀପ ଆସିଥାଏ। ପାରାଦୀପ ବନ୍ଦର ତା'ର ୧୭୫ ଏକର ବିଶିଷ୍ଟ ଜଳାଶୟରେ ତାକୁ ସଂରକ୍ଷିତ ରଖିବା ସହ ଜଳ ବିଶୋଧନକରି ଯୋଗାଣ କରିଥାଏ। ସେହିପରି ଅନ୍ୟ ଶିଳ୍ପସଂସ୍ଥା ଏହିପରି ଭାବେ ପାଣି ବ୍ୟବହାର କରିଥାନ୍ତି। ପାରାଦୀପ ବନ୍ଦର ଜଳାଶୟ ଜଳଧାରଣ କ୍ଷମତା ୬ ମାସ ପାଇଁ ରହୁଥିଲା। ଏବେ ସେହି ଜଳାଶୟ ପୋତି ହୋଇଯିବା ଯୋଗୁ ଜଳଧାରଣ କ୍ଷମତା ହ୍ରାସ ପାଇଛି। ତାକୁ ଖନନ କରିବାକୁ ବନ୍ଦର କର୍ତ୍ତୃପକ୍ଷ ଅନେକ ଥର ଚେଷ୍ଟା କରିଛନ୍ତି। ତାହା ସମ୍ଭବ ହେଉନାହିଁ। କାରଣ ଭୂତଳ ଜଳ ହ୍ରାସ ଯୋଗୁ ଖନନକଲେ ଲୁଣି ପାଣି ବାହାରିବା ସମ୍ଭାବନା ରହିଛି। ୧୯୭୯ରୁ ପାରାଦୀପ ପୌର ପରିଷଦ ସ୍ୱତନ୍ତ୍ର ଜଳାଶୟ ନିର୍ମାଣ କରିବାକୁ ଆଲୋଚନା ହେଉଛି। ଏ ପର୍ଯ୍ୟନ୍ତ ତାହା ହୋଇନାହିଁ। କାରଣ ଜାଗା ନାହିଁ। ପୂର୍ବ ସରକାର ମହାନଦୀର ଭୂତମୁଣ୍ଡାଇଠାରେ ଗୋଟିଏ ଆନିକଟ କରିବେ ବୋଲି ଘୋଷଣା କରିଥିଲେ। ନୂଆ ସରକାର ଆସିଲା ପରେ ସେହି ଘୋଷଣା ଆଉ ଚର୍ଚ୍ଚା ହେଉନାହିଁ। ଏମିତି ବିଧି ବ୍ୟବସ୍ଥା ମଧ୍ୟରେ ବନ୍ଦରଭିତ୍ତିକ ଶିଳ୍ପ ସହର ପାରାଦୀପରେ ଜଳସଙ୍କଟ ଲାଗି ରହୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ (ତାଳଦଣ୍ଡା କେନାଲ ଦାୟିତ୍ୱ) ଅଶ୍ୱିନୀ କୁମାର ସେନାପତିଙ୍କୁ ପଚାରବାରେ କେନାଲ ନବୀକରଣ କାମ ୧୨ବର୍ଷ ହେଲା ଚାଲିଛି। ଏବେ ସୁଦ୍ଧା କାମ ସରି ଯିବା କଥା। କେତେକ ଘଟଣାକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚି ଯିବାରୁ କାମ ଆଗେଇପାରୁନାହିଁ। ଅପରପକ୍ଷେ ପାରାଦୀପ ଜଳାଭାବ ପୂରଣ କରିବାକୁ ଆମେ ରାହାମା ପାଖ ଚୌଧୁରୀଗଡ଼ାଠାରେ ମହାନଦୀରୁ ମଟର ଯୋଗେ ଜଳଯୋଗାଣ କରୁଥିଲୁ। ଏବେ ସେହି ସ୍ଥାନରେ ସରକାର ୫୩୬ କୋଟି ଟଙ୍କା ବ୍ୟୟ ଅଟକଳରେ ବୃହତ୍ ଜଳାଶୟ କାର୍ଯ୍ୟ ହେଉଛି। ସେଥିପାଇଁ ସେଠାରେ ପାଣି ଉଠେଇ ହେଉନାହିଁ। ଅନ୍ୟତମ ବିକଳ୍ପ ଜାଗା ବଡ଼ପାଳଠାରେ ପାଣି ଉଠାଉଥିଲୁ। ସେଠାରେ ବେଳେବେଳେ ମହାନଦୀରେ ଲୁଣା ପାଣି ଚାଲି ଆସୁଛି। ସେଥିପାଇଁ ପାରାଦୀପ ପାଇଁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଆସନ୍ତା ୨୫ ତାରିଖ ବେଳକୁ କିଛି ପାଣି ମଟର ଯୋଗେ ଯୋଗାଣ କରିବାକୁ ପ୍ରସ୍ତୁତି ଚାଲିଛି। ଆସନ୍ତା ମେ ମାସ ବେଳକୁ ପର୍ଯ୍ୟାପ୍ତ ପାଣି କେନାଲରେ ଛଡ଼ାଯିବ ବୋଲି ଖସଡ଼ା କରାଯାଇଛି ବୋଲି ସେ କହିଥିଲେ।

# ବୈଠକ ବନ୍ଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା

କେନ୍ଦ୍ରାପଡ଼ା, ୨୫।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ବିରୋଧରେ ଶୁକ୍ରବାର ରୋକ ଲାଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲା ରାଜନୀତି ଚଳଚଞ୍ଚଳ ହୋଇଛି। ମାମଲା (ନଂ. ଡବ୍ଲୁପିସି ୧୦୫୫୩/୨୦୨୫)ର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବୈଠକ ଆଗତ ନ କରିବାକୁ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ମାର୍ଚ୍ଚ ୨୧ରେ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଉପଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ନିବେଦନ କରିଥିଲେ। ଗତ ୫ ତାରିଖରେ ବୈଠକ ହେବା ପାଇଁ ସ୍ଥିର ହୋଇଥିଲା। ତେବେ କେତେଜଣ ସଭ୍ୟ ଅସୁସ୍ଥ ଥିବା ଦର୍ଶାଇ ପରେ ବୈଠକକୁ ବାତିଲ କରାଯାଇଥିଲା। ଏ ନେଇ ବିଜୟ ଶୁକ୍ଲା ପ୍ରମୁଖ ହାଇକୋର୍ଟରେ ମାମଲା କରିଥିଲେ। ଏହି କେସ୍‌ର ଶୁଣାଣି ଆସନ୍ତା ୩୦ରେ ହେବ ବୋଲି ସୂଚନା ମିଳିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ବୈଠକ ଆସନ୍ତା ୨୯ରେ ହେବ ବୋଲି ନିଷ୍ପତ୍ତି ନିଆଯାଇ ଥିବା ଉପଜିଲାପାଳ ଅରୁଣ ନାୟକ ସମିତି ସଭ୍ୟ, ସରପଞ୍ଚମାନଙ୍କୁ ନଂ. ୫୦୧୫ରେ ଚିଠି କରିଥିଲେ। ଏହି ଚିଠିରେ ଉଲ୍ଲେଖ ଥିଲା ଯେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ବ୍ଲକ ଗୃହରେ ବୈଠକ ହେବ। ତହସିଲଦାର ଶିବ ମଲ୍ଲିକ ଏଥିରେ ସଭାପତିତ୍ୱ କରିବେ। ଏହି ଚିଠି ମିଳିବା ପରେ ବିଜୟ ଶୁକ୍ଲା ପ୍ରମୁଖ ପୁଣି ଥରେ ହାଇକୋର୍ଟରେ ଅବଗତ କରିଥିଲେ।

# କଳାପଥର ଖାଦାନ ବନ୍ଦ ନିର୍ଦ୍ଦେଶ

## ଡଙ୍କାରୀଠାରେ ପ୍ରସ୍ତାବିତ ଭୂତଳ ତୈଳ ଭଣ୍ଡାର ପ୍ରକଳ୍ପ


ଡଙ୍କାରୀରେ ଥିବା କଳାପଥର ଖାଦାନ।

ଯାଜପୁର,୨୫।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଡଙ୍କାରୀ ପାହାଡ଼ ପାଦଦେଶରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ବା ଇଣ୍ଡିଆନ ଷ୍ଟ୍ରାଟେଜି ପେଟ୍ରୋଲିୟମ ରିଜର୍ଭ (ଆଇଏସ୍‌ପିଆର୍) ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ତୁରନ୍ତ ଡଙ୍କାରୀ ପାହାଡ଼ରେ ଚିହ୍ନଟ ୪୦୦ ଏକର ଜମିରେ ଚାଲିଥିବା ୧୩ଟି କଳାପଥର ଖାଦାନରୁ ଉତ୍ତୋଳନ ପ୍ରକ୍ରିୟା ବନ୍ଦ କରିବାକୁ ଲଘୁ ଖଣି ବିଭାଗ ଉପନିର୍ଦ୍ଦେଶକ (ଡିଡିଏମ୍) ଏବଂ ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନିର୍ଦ୍ଦେଶକୁ ୧୦ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଲଘୁ ଖଣି ଏବଂ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି।

ଗତ ଜାନୁୟାରୀ ୨୮ରେ ରାଜ୍ୟ ସରକାର ଏବଂ ଆଇଏସ୍‌ପିଆର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚୁକ୍ତି ସମ୍ପନ୍ନ ହୋଇଛି। ଜାତୀୟ ଶକ୍ତି ନିରାପତ୍ତା ଏବଂ ଓଡ଼ିଶାର ବିକାଶ ପାଇଁ ୪ ମିଲିୟନ ମେଟ୍ରିକ ଟନ(ଏମ୍‌ଏମ୍‌ଟି) କ୍ଷମତାବିଶିଷ୍ଟ ଏହି ପ୍ରକଳ୍ପକୁ ପ୍ରତିଷ୍ଠା କରିବାକୁ ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ୟମ କରିଥିଲେ। ଏଥିପାଇଁ ୮,୭୫୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଦେଶର ପୂର୍ବାଞ୍ଚଳରେ ଜରୁରିକାଳୀନ ସମୟରେ କ୍ରୁଡ୍ ଅଏଲ ବଣ୍ଟନ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଥିଲା। ଏହିକ୍ରମରେ ୨୯।୭।୨୦୧୯ରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଆବଶ୍ୟକ ଜମି ଯୋଗାଇ ଦେବାକୁ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୧୭-୧୮ ବଜେଟରେ ଏହି ଭୂତଳ ତୈଳ ଭଣ୍ଡାର ପାଇଁ ପ୍ରଥମେ ୩୮୦୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ହେଲେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ଏକାଧିକ କଳାପଥର ଖାଦାନ ଚାଲିଥିବାରୁ ତତ୍କାଳୀନ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଜମି ଯୋଗାଇ ଦେଇ ନ ଥିଲେ। ବେଆଇନ କଳାପଥର ଖନନକୁ ସୁରକ୍ଷାଦେବାକୁ ଯାଇ ଏଭଳି ନକାରାତ୍ମକ ପଦକ୍ଷେପ ନିଆଯାଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଗତ ୬ ବର୍ଷ ହେଲା ଜମି ନ ମିଳିବାରୁ ଅଟକି ରହିଛି।

# ଜମି ଚିହ୍ନଟରେ ସୀମିତ ବ୍ୟାସନଗର ଦ୍ୱିତୀୟ ସିଏଚ୍‌ସି

ଯାଜପୁର,୨୫।୪(ହର୍ଷବର୍ଦ୍ଧନ ବେହେରା)

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ସହରର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ଦ୍ୱିତୀୟ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପ୍ରତିଷ୍ଠା କରିବାକୁ ଆବଶ୍ୟକ ଜମି ସରକାର ଯୋଗାଇ ଦେଇଛନ୍ତି। ଏହା ବ୍ୟାସନଗର ଅନ୍ତର୍ଗତ ଚୋରଦା ରାଜସ୍ୱ ଗ୍ରାମର ପାନ୍ଥଶାଳା ପଛପଟେ ରହିଥିବା ପ୍ଲଟ ସଂଖ୍ୟା ୧ ଓ ଖାତା ନମ୍ବର ୧୬୨ରୁ ୦.୯୯ ହେକ୍ଟର ଝାଟି ଜଙ୍ଗଲ ଜମିକୁ କଟକ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଅଣଜଙ୍ଗଲ କିସମରେ ପରିଣତ କରାଯାଇଛି। ଏହି ପ୍ରକଳ୍ପ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ପତ୍ରସଂଖ୍ୟା ୩୦୨୬୬/୨୯।୧୨।୨୦୨୩) ପକ୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଜରିଆରେ ୯ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହାପରେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ରାଜସ୍ୱ ଓ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମିଳିତ ଭାବେ ଜମି ଚିହ୍ନଟ କରିବା ସହ ତିନିମହଲା ବିଶିଷ୍ଟ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନକ୍ସା ସରକାରଙ୍କ ନିକଟକୁ ପଠାଇଥିଲେ। ତଦନୁଯାୟୀ ଏହାର ବୃତ୍ତାନ୍ତ ସର୍ଭେ ମୁତାବକ ୧୭କୋଟି ୭୫ ଲକ୍ଷ ୭୮ ହଜାର ଟଙ୍କାର ଆକଳନକୁ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏଥିନିମନ୍ତେ ରାସ୍ତା ଓ କୋଠାବାଡି ତଥା ପୂର୍ତ୍ତ ବିଭାଗ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ବି ଶେଷ ହୋଇଛି। କିନ୍ତୁ ଅଦ୍ୟାବଧି ଏହି ଜନହିତକର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇପାରୁନାହିଁ। ସହରର ଏକମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ରେଳଲାଇନ ଆରପଟେ ଥିବାରୁ ଓ ଏପର୍ଯ୍ୟନ୍ତ ଗଳିପୋଲ ଓ ଫ୍ଲାଏଓଭର ବ୍ରିଜ୍ ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ଗୁରୁତର ରୋଗୀମାନେ ଠିକ୍ ସମୟରେ ପହଞ୍ଚି ନ ପାରି ପ୍ରାଣ ହରାଉଛନ୍ତି। ଏଣୁ ତୁରନ୍ତ ନିର୍ମାଣକାର୍ଯ୍ୟ ଆରମ୍ଭ କରିବାକୁ ବ୍ୟାସନଗରର ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କ ସହ ସରକାରଙ୍କ ସ୍ୱାସ୍ଥ୍ୟ, ପୂର୍ତ୍ତ ବିଭାଗର ଅଧିକାରୀ, ଯାଜପୁର ଜିଲାପାଳ, କୋରେଇ ବିଧାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଯାଜପୁର ଏମ୍‌ପିଙ୍କୁ ନିବେଦନ କରିଛନ୍ତି।

# ଭିତରକନିକାରେ ନବରଙ୍ଗୀ ଚଢ଼େଇ ଗଣନା

ରାଜନଗର, ୨୫।୪ (ଭାସ୍କର ରାଉତରାୟ)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ମ୍ୟାନଗ୍ରୁଭ ପିଟା ବା ନବରଙ୍ଗୀ ଚଢ଼େଇଙ୍କ ଗଣନା ଶେଷ ହୋଇଛି। ଶୁକ୍ରବାର ଗୋଟିଏ ଦିନରେ ୩୩ଟି ଟିମ୍‌ରେ ୬୬ଜଣ ବନ କର୍ମଚାରୀ ୫ଟି ରେଞ୍ଜରେ ଏହି ବିରଳ ପକ୍ଷୀଙ୍କ ଗଣନା କରିଥିଲେ। ଗଣନା ଶେଷ ହୋଇଥିଲେ ମଧ୍ୟ ରୋପୋର୍ଟ ଆସିନାହିଁ। ଗତବର୍ଷ ଭିତରକନିକା ଜାତୀୟ ଉଦ୍ୟାନର ୫ଟି ରେଞ୍ଜ ମଧ୍ୟରୁ ୩ଟି ରେଞ୍ଜରେ ୨୧୮ ମ୍ୟାନଗ୍ରୁଭ ପିଟା ଚଢ଼େଇଙ୍କୁ ଗଣନା ବେଳେ ଚିହ୍ନଟ କରାଯାଇଥିଲା। ଗହୀରମଥା ଓ କୁଜଙ୍ଗ ରେଞ୍ଜରେ ମ୍ୟାନଗ୍ରୁଭ ପିଟା ଚଢ଼େଇଙ୍କୁ ଦେଖିବାକୁ ମିଳି ନ ଥିବା ବେଳେ ମହାକାଳପଡ଼ା, ରାଜନଗର ଓ କନିକା ରେଞ୍ଜରେ ୨୧୮ଟି ଏହି ବିରଳ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। ୨୦୨୩ ମସିହାଠାରୁ ଭିତରକନିକା ଜାତୀୟ ଉଦ୍ୟାନରେ ଏହି ପକ୍ଷୀଙ୍କ ଗଣନା କରାଯାଉଛି। ୨୦୨୩ ରେ ୧୭୯ଟି ପକ୍ଷୀ ଚିହ୍ନଟ ହୋଇଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୨୧୮କୁ ବୃଦ୍ଧି ପାଇଥିଲା। ନବରଙ୍ଗୀ ଚଢ଼େଇ ଦକ୍ଷିଣପୂର୍ବ ଓ ଦକ୍ଷିଣ ଏସିଆରେ ଅଧିକ ସଂଖ୍ୟାରେ ଦେଖାଯାନ୍ତି। ଭାରତୀୟ ପକ୍ଷୀ ଇଣ୍ଡିଆନ ପିଟା, ଫେରି ପିଟା ପ୍ରଜାତିର ପକ୍ଷୀଙ୍କ ସହ ଏହି ଜାତୀୟ ପକ୍ଷୀଙ୍କ ସାମଞ୍ଜସ୍ୟ ରହିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଦ୍ୟୁତ୍


@ ବିଶ୍ବ


@ ଦେବବ୍ରତ


@ ଜ୍ୟୋତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିସିଏଲ୍ ଟୁର୍ନାମେଣ୍ଟ: ଫାଇନାଲରେ ଡିକେଟି, ଶ୍ରୀରାମ ସ୍ପୋର୍ଟିଂ

ପାରାଦୀପ,୨୪।୪(ଶରତ ରାଉତ)

ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଓ ଏନ୍‌ଏସି ପଡ଼ିଆରେ ଚାଲିଥିବା ପିସିଏଲ୍(ପାରାଦୀପ କ୍ରିକେଟ ଲିଗ୍) ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିକେଟି ଷ୍ଟାର ଓ ଶ୍ରୀରାମ ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ ଖେଳାଯିବ। ଶୁକ୍ରବାର ପ୍ରଥମ ସେମିଫାଇନାଲ ଡିକେଟି ଷ୍ଟାର ଓ ଜେସିସି ୱାରିୟର ମଧ୍ୟରେ ଖେଳାଯାଇଥିଲା। ଡିକେଟି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୬୧ ରନ କରିଥିଲା। ଜବାବରେ ଜେସିସି ୯ ଉଇକେଟ୍ ହରାଇ ୧୪୩ ରନ କରିବା ସହ ୧୮ ରନ୍‌ରେ ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ଶ୍ରୀରାମ ସ୍ପୋର୍ଟିଂ ଓ ସ୍ୟାଣ୍ଡ ବିଚ୍ ପାର୍ଟନର ମଧ୍ୟରେ ଖେଳାଯାଇଥିଲା। ସ୍ୟାଣ୍ଡ ବିଚ୍ ପ୍ରଥମେ ବ୍ୟାଟିଂ କରି ୧୫.୦୨ ଓଭରରେ ୧୨୪ ରନ କରିଥିଲା। ଜବାବରେ ଶ୍ରୀରାମ ସ୍ପୋର୍ଟିଂ ୧୪.୦୧ ଓଭରରେ ୩ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ସେମିଫାଇନାଲ ମ୍ୟାଚ୍‌ରେ ଅତିଥିଭାବେ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ବିକାଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ମାଛ, ଚିଙ୍ଗୁଡ଼ିକୁ ସଜେଇପାରିଲେ ମୂଲ୍ୟ ବୃଦ୍ଧି ପାଇବ

## ସାମୁଦ୍ରିକ ଖାଦ୍ୟ କୌଶଳ ବିକାଶ କାର୍ଯ୍ୟକ୍ରମ

ପାରାଦୀପ,୨୫।୪(ଶରତ ରାଉତ)

ଏମ୍‌ପିଇଡିଏ(ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ) ଓ ପାରାଦୀପ ବନ୍ଦର ପକ୍ଷରୁ ସାମୁଦ୍ରିକ ଖାଦ୍ୟ ମୂଲ୍ୟ ବୃଦ୍ଧି କୌଶଳ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପଗଡ଼ଠାରେ ଥିବା ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କେନ୍ଦ୍ରଠାରେ ଆୟୋଜିତ ଏହି କର୍ମଶାଳାରେ ୫୦ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅଂଶଗ୍ରହଣ କରିଥିଲେ। ଏଥିରେ କିପରି ସାମୁଦ୍ରିକ ମାଛ ଓ ଚିଙ୍ଗୁଡ଼ିକୁ କାଟି ଭିନ୍ନ ଭିନ୍ନ ଧରଣର ଖାଦ୍ୟ କରାଯାଇପାରିବ ସେନେଇ କୌଶଳ ଶିକ୍ଷା ଦିଆଯାଇଥିଲା। ଯଥା ମାଛ ଫିଙ୍ଗର, ମାଛ ବଲ, ଚିଙ୍ଗୁଡ଼ି ଆଚାର, ମାଛ ଫିଲେଟ ଭଳି ଅନେକ ପ୍ରକାର ଖାଦ୍ୟ ବିଷୟରେ ଅବଗତ କରାଯାଇଥିଲା। ସାଧାରଣ ମାଛରୁ କଣ୍ଟା ଅଲଗା କରି କେବଳ ମାଂସାଳ ଅଂଶକୁ ବିଭିନ୍ନ ଆକୃତି କରାଯାଇଥିଲା। ଏମିତି କରିବା ପରେ ସେହି ମାଛର ମୂଲ୍ୟ ବୃଦ୍ଧି ପାଇଥାଏ। ଏଥିରେ ରାଜ୍ୟର ବିଭିନ୍ନ ମାଛଧରା ବନ୍ଦର ପ୍ରତିନିଧି, ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପ୍‌ଟେନ ଅଲେଖ ଚନ୍ଦ୍ର ସାହୁ, ଏମ୍‌ପିଇଡିଏ ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ନେଟ୍‌ଫିଶ ଅଧିକାରୀ ଅର୍ଚ୍ଚିମାନ ଲାହିରୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ କୃତିତ୍ୱ ହାସଲ କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।


ସାମୁଦ୍ରିକ ଖାଦ୍ୟ ସମ୍ପର୍କରେ ଶିକ୍ଷା ଦିଆଯାଉଛି।

# ପହଲଗାମ୍‌ରେ ଆକ୍ରମଣ ପରେ ଉପକୂଳରେ ହାଇ ଆଲର୍ଟ

- ମତ୍ସ୍ୟଜୀବୀ ବେଶରେ ବାଂଲାଦେଶୀ ଅନୁପ୍ରବେଶ ଆଶଙ୍କା
- ସାମୁଦ୍ରିକ ସୁରକ୍ଷାବଳ ସହିତ ହାଇ ସ୍ପିଡ ବୋଟ ପଇଁତରା ପାଇଁ ପ୍ରସ୍ତୁତ

ମହାକାଳପଡ଼ା, ୨୫।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ପଇଁତରା ମାରିବା ପାଇଁ ସମୁଦ୍ର କୂଳ ଜେଟିରେ ହାଇସ୍ପିଡ଼ ବୋଟ୍ ପ୍ରସ୍ତୁତ ହୋଇ ରହିଛି।

ଦେଶର ଜମ୍ମୁ-କଶ୍ମୀର ପହଲଗାମ୍‌ରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ବର୍ବରୋଚିତ ଭାବେ ଆକ୍ରମଣକୁ ଦେଶବାସୀ ଘୋର ନିନ୍ଦା କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଆତଙ୍କବାଦୀ ଯେଉଁଠି ଥାଆନ୍ତୁ ନା କାହିଁକି କେନ୍ଦ୍ର ସରକାର ଜଳ, ସ୍ଥଳ ଓ ଆକାଶ ବାହିନୀରେ ଆଲର୍ଟ ଜାରି କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବଙ୍ଗୋପସାଗର ଉପକୂଳ ଅଞ୍ଚଳରେ ବେଆଇନ ଭାବେ ବାଂଲାଦେଶୀ ମତ୍ସ୍ୟଜୀବୀ ପ୍ରବେଶ କରିବା ଆଶଙ୍କା ରହିଛି। ଏଥିପ୍ରତି ରାଜ୍ୟ ଗୋଇନ୍ଦା ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଛି। ଉପକୂଳ ଅଞ୍ଚଳରେ ବିସ୍ତୃତ ଘଞ୍ଚ ଲୁଣା ହେନ୍ତାଳ ଜଙ୍ଗଲ ରହିଛି। ସନ୍ଦିଗ୍ଧ ଅନୁପ୍ରବେଶକାରୀ ଜଙ୍ଗଲରେ ଆଡ୍ଡା ଜମାଇବା ସହ କ୍ଷତି ପହଞ୍ଚାଇବା ଅସମ୍ଭବ ନୁହେଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତ। ଏମାନଙ୍କୁ ମୁକାବିଲା କରିବା ପାଇଁ ଜମ୍ବୁ ଓ ତନ୍ତିଆପାଳ ସାମୁଦ୍ରିକ ଥାନା ଆଲର୍ଟ ରହିବାକୁ ଦାବି ହେଉଛି। ଅପରପକ୍ଷରେ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ଓ ସମୁଦ୍ରରେ ହାଇ ସ୍ପିଡ୍ ବୋଟ ପଇନ୍ତରା ମାରିବା ପାଇଁ ଉଭୟ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମିଳିଛି ବୋଲି ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ କହିଛନ୍ତି। ଜଳପଥରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ନଜରକୁ ଆସିଲେ ତୁରନ୍ତ ନିକଟସ୍ଥ ପୋଲିସ ଓ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦେବା ପାଇଁ କୁହାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ସମୁଦ୍ର କୂଳରେ ପାରାଦୀପ ବନ୍ଦର ଓ ବୃହତ ଶିଳ୍ପାଞ୍ଚଳ ରହିଛି। ତେବେ ସନ୍ଦିଗ୍ଧମାନେ କିଛି ବି ଘଟାଇବା ଅସମ୍ଭବ ନୁହେଁ ବୋଲି କୁହାଯାଇଛି। ସେଥିପାଇଁ ସମୁଦ୍ରରେ ପଇଁତରା ମାରିବାକୁ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ପୂର୍ବତନ ନାଭାଲ କର୍ମଚାରୀମାନେ ସାମିଲ ହୋଇଛନ୍ତି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରେ ଉପକୂଳ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଦେଶ ମିଳିଛି। ଏ ନେଇ ଉପକୂଳ ଅଞ୍ଚଳରେ ସୁରକ୍ଷା କର୍ମଚାରୀମାନେ ଶୁକ୍ରବାର ପଇଁତରା ମାରୁଥିବା ସେ କହିଛନ୍ତି।

**ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ସମ୍ବର୍ଦ୍ଧିତ**

ପାଟକୁରା(ରବୀନ୍ଦ୍ର ନାଥ ବାରିକ): ଜାତୀୟ ପଞ୍ଚାୟତିରାଜ ଦିବସରେ ଗରଦପୁର ବ୍ଲକ ପରିସରରେ ୧୮ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟମାନଙ୍କୁ ସେମାନଙ୍କ ଆଦର୍ଶ ଜନସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ବିଡିଓ ଆଲୋକ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ସମ୍ମାନିତ ଅତିଥି ଭାବେ ପାଟକୁରା ବିଧାୟକଙ୍କ ବ୍ଲକ ପ୍ରତିନିଧି କ୍ଷିତୀଶ ଚନ୍ଦ୍ର ଦାଶ, ସାଂସଦଙ୍କ ବ୍ଲକ ପ୍ରତିନିଧି ବିଜୟ କୁମାର ନାୟକ ଯୋଗଦେଇ ୧୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କୁ ବିଡିଓ ସେଠୀ, ବ୍ଲକ ଅଧ୍ୟକ୍ଷ ମହାରାଜ ସମ୍ବର୍ଦ୍ଧିତ କରିଥିଲେ।

# ଜବରଦଖଲ: ଜଳ ନିଷ୍କାସନରେ ବାଧା, ଫସଲହାନି

ପଟ୍ଟାମୁଣ୍ଡାଇ, ୨୫।୪ (କଳ୍ପତରୁ ନାୟକ)

- ପୋତି ହୋଇଗଲାଣି ବ୍ରିଟିଶ ସାଇଫନ
- ସବୁବେଳେ ଅଞ୍ଚଳ ସନ୍ତସନ୍ତିଆ
- ସଂକ୍ରମଣ ବ୍ୟାପିବା ଆଶଙ୍କା



ଜବରଦଖଲରେ ଥିବା ଅଳଭା ପାର୍ଶ୍ୱ କେନାଲ ନୟନଜୋରି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଅଳଭା ଗ୍ରାମର ବିଲବାଡିରେ ବର୍ଷସାରା ଜଳ ଜମି ରହି ବହୁ ଏକର ଚାଷଜମୀ ନଷ୍ଟ ହେଉଥିବା ବେଳେ ବାଡ଼ି ବଗିଚା ସନ୍ତସନ୍ତିଆ ଅବସ୍ଥାରେ ପଡ଼ି ରହୁଛି। ଅଳଭା ଘେରିରୁ ଜଳ ନିଷ୍କାସନ ପାଇଁ ବ୍ରିଟିଶ ଅମଳରୁ ହୋଇଥିବା ସାଇଫନ ଜବରଦଖଲ ହୋଇଯାଇଛି। ଅଳଭାଠାରେ ଥିବା ଜଳ ବିଶୋଧନ କାରଖାନାରୁ ନିର୍ଗତ ବର୍ଜ୍ୟଜଳ ନିଷ୍କାସନ ହୋଇ ନ ପାରି ବିଲ ବାଡିରେ ମାଡୁଛି। ଫଳରେ ଅଳଭା ଗ୍ରାମରେ ବସବାସ କରୁଥିବା ଶତାଧିକ ପରିବାର ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ସଦାବେଳେ ବାଡିବଗିଚା ସନ୍ତସନ୍ତିଆ ରହିଥିବାରୁ ସଂକ୍ରମଣ ଆଶଙ୍କା ରହୁଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସ୍ଥାନୀୟ ତହସିଲ କି ଜଳନିକାଶ ବିଭାଗ କର୍ଣ୍ଣପାତ କରୁନାହାନ୍ତି, ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଆଇନଜୀବୀ ସୁଶୀଲ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୧୬ ନଂ. ୱାର୍ଡ ଅଳଭା ଗ୍ରାମ ଚତୁଃପାର୍ଶ୍ୱରେ ବ୍ରିଟିଶ ଅମଳରୁ ବ୍ରାହ୍ମଣୀ ଘେରିବନ୍ଧ ଓ ଗୋବରୀ କେନାଲ ଏବଂ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ଘେରି ରହିଛି। ଏହି ଘେରିର ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ବ୍ରିଟିଶ ସରକାର ଗୋବରୀ କେନାଲ ତଳେ ଏକ ସାଇଫନ ନିର୍ମାଣ କରିଥିଲେ। ଉଦ୍‌ବୃତ୍ତ ଜଳ ଏହି ସାଇଫନରେ ନୟନ ଯୋରି ଦେଇ ନିଷ୍କାସିତ ହେଉଥିଲା। ମାତ୍ର କିଛିବର୍ଷ ହେବ କେତେଜଣ ବ୍ୟକ୍ତି ଉକ୍ତ ଯୋର ଉପରେ ମାଟି ପକାଇ ଘର ନିର୍ମାଣ କରି ରହୁଥିବାରୁ ସାଇଫନ ଜଳ ନିଷ୍କାସନ ପଥ ବନ୍ଦ ପଡିଛି। ଫଳରେ ଗ୍ରାମର ବହୁ ଏକର ଜମିବାଡ଼ି ପାଣିରେ ବୁଡ଼ି ନଷ୍ଟ ହେବାରେ ଲାଗିଛି। ବର୍ତ୍ତମାନ ଉକ୍ତ ଯୋର ଜବରଦଖଲ ଯୋଗୁ ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ଗୋଲେଖ ଜେନା କହିଛନ୍ତି, ଯୋରଟି ଜଳସେଚନ ବିଭାଗ ଅଧୀନରେ ରହିଥିବା ବେଳେ ଏହାର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ କାଳକ୍ରମେ ଜବରଦଖଲ ହୋଇଗଲାଣି। ଫଳରେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ସେହିପରି ରାଜ୍ୟ ସରକାର ୨୦୧୮-୨୦୧୯ରେ ଏହି ଘେରି ମଧ୍ୟରେ ଜଳ ବିଶୋଧନ କାରଖାନା ନିର୍ମାଣ କରିଛନ୍ତି। ସେଠାରୁ ବାହାରୁଥିବା ବର୍ଜ୍ୟଜଳ ନିଷ୍କାସନ ହୋଇ ନ ପାରି ବିଲବାଡିରେ ମାଡୁଛି। ବର୍ଷାଦିନେ ସାଇଫନରେ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ବର୍ଷା ଜଳ ଘରେ ପଶୁଛି। ଖରାଦିନିଆ ପନିପରିବା ଫସଲ ହେଉନାହିଁ। ବର୍ଷାଦିନରେ ଗ୍ରାମବାସୀଙ୍କ ଦୁଃଖର କାରଣ ପାଲଟିଛି। ଯୋର ଜବରଦଖଲରେ ପୋତି ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପୁନରୁଦ୍ଧାର କରାଗଲେ ବିଶେଷ କରି ଚାଷୀମାନେ ଉପକୃତ ହୋଇପାରିବେ। ସାମାଜିକ କର୍ମୀ ବିଜ୍ଞାନ ମିହିର ଜେନା କହିଛନ୍ତି, ପଟ୍ଟାମୁଣ୍ଡାଇ ସଦର ରାଜସ୍ୱ ଅଧିକାରୀଙ୍କ ଅଧୀନ କେନାଲ ବନ୍ଧ ରାସ୍ତାପାର୍ଶ୍ୱରେ ଥିବା ଜଳ ନିଷ୍କାସନ ନୟନଯୋରିକୁ ବହୁ ଅବରୋଧକାରୀ ଅବରୋଧ କରି ରଖିଛନ୍ତି। ଅଳଭା ଗ୍ରାମର ଅବ୍ୟବହୃତ ଜଳ ଏବଂ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ୱେଷ୍ଟେଜ ପାଣି ସାଇଫନ ଦେଇ ନିଷ୍କାସିତ ହୋଇ ନ ପାରି ବିଲବାଡିରେ ଜମୁଛି। ଅଳ୍ପ ବର୍ଷାରେ ଏହି ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଉଛି। ବର୍ଷାଦିନେ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ିକୁ କୋମଳମତି ପିଲାମାନେ ଶିକ୍ଷାଦାନ ପାଇଁ ପାଣିରେ ପଶି ଯାଉଛନ୍ତି। ସବୁବେଳେ ପାଣି ଜମି ସନ୍ତସନ୍ତିଆ ରହିବା ଫଳରେ ବହୁ ସମୟରେ ଲୋକେ ସଂକ୍ରମଣ ରୋଗରେ ଆକ୍ରାନ୍ତ ହେଉଥିବା ଦୃଷ୍ଟାନ୍ତ ମଧ୍ୟ ଅଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହି ନୟନଯୋରିକୁ ଜବରଦଖଲକାରୀଙ୍କ କବଳରୁ ହଟାଇବା ପାଇଁ ଅଳଭା ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳନିକାଶ ବିଭାଗ ଯନ୍ତ୍ରୀ ନୀହାର ରାଉତରାୟଙ୍କୁ ପଚାରିବାରେ ଯୋରଟିର ପୁନରୁଦ୍ଧାର କରିବା ଆବଶ୍ୟକତା ରହିଛି। କିନ୍ତୁ ଜବରଦଖଲ ଯୋଗୁ କିଛି କରି ହେଉନାହିଁ ବୋଲି ସେ କହିଛନ୍ତି।

# ପେଣ୍ଠ, ସାତଭାୟାରେ ସ୍ଥିତି ଅନୁଧ୍ୟାନ କଲା ବିଶେଷଜ୍ଞ ଟିମ୍

ରାଜନଗର, ୨୫।୪ (ଭାସ୍କର ରାଉତରାୟ)



ବିଶେଷଜ୍ଞ ଟିମ୍ ତଟ ସୁରକ୍ଷାର ଅନୁଧ୍ୟାନ କରୁଛି।

ବଙ୍ଗୋପସାଗର କୂଳ ଲଘୁଛି। ବିଶ୍ୱ ତାପନ ଓ ସୁନାମି ଆସିବା ପରଠାରୁ ସମୁଦ୍ର ଦିନକୁ ଦିନ ଅଧିକ ଉଗ୍ର ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ର ଜନବସତିକୁ ମାଡ଼ିଯିବା କାରଣରୁ ସାରା ବିଶ୍ୱରେ ପ୍ରଥମଥର ପାଇଁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟାବାସୀଙ୍କୁ ବିସ୍ଥାପିତ ହେବାକୁ ପଡିଛି। ସେହି ସାତଭାୟାଠାରୁ ଏକକୁଳା ଯାଏ ଦୀର୍ଘ ୧୨ କି.ମି. ଅଞ୍ଚଳରେ ସମୁଦ୍ର ତାର ତାଣ୍ଡବ ରଚିବାରେ ଲାଗିଛି। ଶୁକ୍ରବାର ଦୁଇ ଜଣିଆ ବିଶେଷଜ୍ଞ ଦଳ ପେଣ୍ଠ ସମୁଦ୍ରକୂଳ, ଜିଓ ସିନ୍ଥେଟିକ ସିଂୱାଲ ଦେଖିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାଉଁଶଗଡ଼ ନଦୀ ପାର ହୋଇ ସାତଭାୟା ବଙ୍ଗୋପସାଗର କୂଳରେ ପହଞ୍ଚି ସାତଭାୟା ସ୍ମୃତି ଦେଖିଛନ୍ତି। କୋଷ୍ଟାଲ ଇଞ୍ଜିନିୟର ଡ. ଯୋସେଫ ମ୍ୟାଥ୍ୟୁ, ସମନ୍ୱିତ ପରିବେଶ ଏବଂ ଜୀବିକା ବିଶେଷଜ୍ଞ ଡ. ଅଜିତ ପଟ୍ଟନାୟକ ପ୍ରମୁଖ ତଟବର୍ତ୍ତୀ ଜଳବାୟୁ ଏବଂ ବିପର୍ଯ୍ୟୟ ପ୍ରତିରୋଧୀ ପ୍ରକଳ୍ପ ଦେଖିଛନ୍ତି। ସାତଭାୟା ଓ ପେଣ୍ଠଠାରେ ସ୍ଥିତି ଅନୁଧ୍ୟାନ କରିବା ପରେ ଚାନ୍ଦିପୁର ବେଳାଭୂମିର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଛନ୍ତି ବୋଲି ଆଜି ତଟବନ୍ଧ ବିଭାଗ ପକ୍ଷରୁ କୁହାଯାଇଛି। ରାଜନଗର ତଟବନ୍ଧର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଭଞ୍ଜ କିଶୋର ରାଉତ ପ୍ରମୁଖ ଏହି ପ୍ରତିନିଧି ଦଳକୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ଟିମ୍ ଉଗ୍ରମୁଖା ସମୁଦ୍ର ସ୍ଥିତି ଉପକୂଳରେ ଅନୁଧ୍ୟାନ କରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହି ବିଶେଷଜ୍ଞ ଦଳର ରିପୋର୍ଟ ଆଧାରରେ ସମୁଦ୍ର ଉପକୂଳରେ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଏଥିସହ ପେଣ୍ଠ ନିକଟରେ ସମୁଦ୍ର ଜୁଆରକୁ ଅଟକାଇବାକୁ ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ସିଂୱାଲ ନିର୍ମାଣ କରାଯାଇଛି। ଜିଓ ସିନ୍ଥେଟିକ ସିଂୱାଲ ନିର୍ମାଣ ପରେ ପେଣ୍ଠ ନିକଟରେ ସମୁଦ୍ର ମଧ୍ୟରେ ଥିବା ଅଗରନାସୀ ଦ୍ୱୀପ ସମୁଦ୍ରରେ ଲୀନ ହୋଇଯାଇଛି। ସିଂୱାଲ ବା ପଥର ପ୍ୟାକିଂ ସେହି ସ୍ଥାନକୁ ସୁରକ୍ଷା ଦେଉଥିବା ବେଳେ ଅନ୍ୟ ପଟରେ ନଦୀ ବା ସମୁଦ୍ର ତଟ ଖାଉଥିବା ବିଶେଷଜ୍ଞ ଦଳ ଦେଖିଛନ୍ତି।

# ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

ରାଜକନିକା,୨୫।୪(ସଞ୍ଜୟ କୁମାର ଦାଶ)



ସିଆର୍‌ସିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜକନିକା ବ୍ଲକ ଓଳାଭର କ୍ଲଷ୍ଟର ଅନ୍ତର୍ଗତ ଦେଉଳସାହି ନୋଡାଲ ଉପ୍ରା ବିଦ୍ୟାଳୟଠାରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଓଳାଭର ସରପଞ୍ଚ ନହୁଷ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଏବିଇଓ କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଶଶିକାନ୍ତ ଖଟୁଆ, ସମ୍ବର୍ଦ୍ଧିତ ଅତିଥି ଭାବେ ସିଆର୍‌ସିସି ଖଗେଶ୍ୱର ପଢିହାରୀ, ପ୍ରଧାନ ଶିକ୍ଷକ ନିଗମାନନ୍ଦ ଦାସ, ଶଙ୍କର କୁମାର ପୃଷ୍ଟି, ଏସଏମ୍‌ସି ସଭାପତି ଅର୍ଜୁନ ଚରଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସଞ୍ଜୟ କୁମାର ବରଜ ମଞ୍ଚ ସଂଯୋଜନା ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆର୍‌ସିସି ଖଗେଶ୍ୱର ପଢିହାରୀଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖେଳଣାଗୁଡିକ ଅତିଥିଙ୍କ ଦ୍ୱାରା ଆଦୃତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାଳତି କୁମାରୀ ମହାନ୍ତି, ସବିତା ନାଥ, ଭାଗ୍ୟବତୀ ରାଉତ, ମହେଶ୍ୱର ବେହେରା, ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଓ ଅନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ସୁରେଶ ଚନ୍ଦ୍ର ପରିଡା, ବିଚିତ୍ର କୁମାର ନାଥ, ହରେକୃଷ୍ଣ ସାହୁ, ଜନ୍ମେଜୟ ସାହୁ ପ୍ରମୁଖ ଉପସ୍ଥିତ ହୋଇ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଭୁଲୋକ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

# ପିଲାଙ୍କୁ ଉତ୍ତମ ଶିକ୍ଷା କ୍ଷେତ୍ରରେ ଅଭିଭାବକଙ୍କ ଦାୟିତ୍ୱ ଜରୁରୀ

## ସତ୍ୟସାଇ ବିଦ୍ୟାବିହାରର ବାର୍ଷିକ ଉତ୍ସବ

ଆଳି, ୨୫।୪ (ବନମାଳୀ ସେନାପତି)

ଆଳି ନିଆଳ ହାଟସ୍ଥିତ ସତ୍ୟସାଇ ବିଦ୍ୟା ବିହାରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ଶିକ୍ଷାବିତ୍ ଜଗତାନନ୍ଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ସତ୍ୟସାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରାହ ପାତ୍ର, ବିଦ୍ୟାଳୟ କମିଟିର ସମ୍ପାଦକ ଅନନ୍ତ ଦାସ, ପୂର୍ବତନ ଆବାହକ ବାମନ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମହାନ୍ତି କହିଥିଲେ, ଆଜିର ପିଲା ଆସନ୍ତା କାଲିର ଭବିଷ୍ୟତ। ଶିଶୁମାନଙ୍କୁ ଉତ୍ତମ ଶିକ୍ଷା ନିମନ୍ତେ ଶିକ୍ଷୟିତ୍ରୀଶିକ୍ଷକ ଯେତିକି ଗୁରୁତ୍ୱ ଦେଉଛନ୍ତି ଅଭିଭାବକମାନେ ମଧ୍ୟ ସେହି ପରିମାଣର ଗୁରୁତ୍ୱ ଦେବା ଆବଶ୍ୟକ। ଶିଶୁଙ୍କୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ, ନୀରୋଗ ରଖିବା ଦିଗରେ ଅଭିଭାବକମାନେ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି। ଏବେ ଶିଶୁମାନେ ସ୍କୁଲ ଆସି ଯେଉଁ ଖାଦ୍ୟ ଖାଉଛନ୍ତି ତାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଖାଦ୍ୟ ନୁହେଁ। ତେଣୁ ଏଥପ୍ରତି ମା'ମାନେ ସଚେତନ ହେବାକୁ ସେ କହିଥିଲେ। ସମ୍ମାନିତ ଅତିଥି ନାୟକ ଶିକ୍ଷାକ୍ଷେତ୍ରରେ ଛାତ୍ରୀଛାତ୍ରମାନେ କିପରି ଅଧିକ ପାରଦର୍ଶିତା ଲାଭ କରିବେ ସେ ନେଇ ମତ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବାମନ ଚରଣ ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।

# ପର୍ଯ୍ୟଟକଙ୍କ ପାଇଁ ଜନଶକ୍ତି ପାର୍ଟିର ମହମବତି ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ, ୨୫।୪ (କଳ୍ପତରୁ ନାୟକ)

ଜମ୍ମୁ-କଶ୍ମୀର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଅତର୍କିତ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ପଟ୍ଟାମୁଣ୍ଡାଇଠାରେ ଗୁରୁବାର ରାତିରେ ଜନଶକ୍ତି ପାର୍ଟି ପକ୍ଷରୁ ମହମବତି ଶୋଭାଯାତ୍ରା କରାଯାଇଛି। ଏଥିସହ ମୃତ ପର୍ଯ୍ୟଟକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଆତଙ୍କବାଦୀ ଆକ୍ରମଣର କଡା ଜବାବ ଦେବାକୁ ମଧ୍ୟ ଦାବି କରାଯାଇଛି। ଏହି ମହମବତି ଶୋଭାଯାତ୍ରାରେ ରାଜ୍ୟ ଜନଶକ୍ତି ପାର୍ଟି ସଭାପତି ଆଇନଜୀବୀ ପ୍ରଦୀପ ଦାଶ, ଆଇନଜୀବୀ ସୁଧୀର ଦାଶ, ରାଜନଗର ଆବାହକ ଅଶୋକ ରାଉତ ସଂଖ୍ୟାଲଘୁ ସେଲ ରାଜ୍ୟ ସଭାପତି ସେକ ଅମିରୁଦ୍ଦିନ, ମହାଦେବ ସେନା ରାଜ୍ୟ ଅଧ୍ୟକ୍ଷ ଧନେଶ୍ୱର ଦାସ, ସମରେନ୍ଦ୍ର ଜେନା, ଗୌତମ ବେହେରା, ସୀତାକାନ୍ତ ମଲିକ, କାର୍ତ୍ତିକ ସ୍ୱାଇଁ, ସୁବାସ ସାହୁ, ହନୁମନ୍ତ ବେହେରା, ମହେଶ୍ୱର ବେହେରା, ଧନେଶ୍ୱର ବେହେରା, ନାରାୟଣ ମଲିକ, ସୁକାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ତାର ଲାଗି ଯୁବକ ଆହତ

ରାଜକନିକା,୨୫।୪ (ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ବରାଡ଼ିଆ ପଞ୍ଚାୟତ ମଧୁବନ ବଜାରରେ ଥିବା ପଞ୍ଚାୟତ ପୋଖରୀ ତୁଠରେ ବାର୍‌ହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ତାର ଲାଗି ଗୁରୁବାର ରାତିରେ ଶୌଚ ହେବାକୁ ଯାଇଥିବା ସିକୁଡି ଗାଁର ତପନ ଦାସ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବରାଡ଼ିଆ ପଞ୍ଚାୟତକୁ ଲାଗି ରହିଥିବା ବୈତରଣୀ ନଦୀ ଆରପଟେ ରହିଛି ଭିତରକନିକା ଜାତୀୟ ଉଦ୍ୟାନ। ଖାଦ୍ୟ ଅନ୍ୱେଷଣରେ ସେହି ଉଦ୍ୟାନରୁ ବାର୍‌ହା, ହରିଣ ଆଦି ନଦୀ ପାର ହୋଇ ରାଜକନିକା ଅଞ୍ଚଳକୁ ଆସିଥାନ୍ତି। ଏହି ବାର୍‌ହାଙ୍କୁ ଶିକାର କରିବା ଲକ୍ଷ୍ୟରେ ବରାଡ଼ିଆ ପଞ୍ଚାୟତରେ ଶିକାରୀ ମାତିଛନ୍ତି। ଶିକାରୀମାନେ ବିଦ୍ୟୁତ ତାର ବିଛାଇ ଶିକାର କରୁଛନ୍ତି। ଏହି ପୋଖରୀ ଉପରେ ସିକୁଡି, ମଧୁବନ ଗାଁର ଶତାଧିକ ଲୋକ ନିର୍ଭର କରିଥାନ୍ତି। ଏହି ଘଟଣାକୁ ନେଇ ସିକୁଡି ଗାଁର ଲୋକେ ଶିକାରୀଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଆଧାର କରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି।

# ପହଲଗାମ୍ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା



ଡେରାବିଶରେ ଡାଳିଜୀ ଚନ୍ଦ୍ରଶେଖର ଯୁବକ ସଂଘ ପକ୍ଷରୁ ମହମବତି ଶୋଭାଯାତ୍ରା।

ଡେରାବିଶ, ୨୫।୪ (ବେବର୍ତ୍ତା ଅଜୟ ଦାସ)

କାଶ୍ମୀରର ପହଲଗାମରେ ହୋଇଥିବା ଅମାନୁଷିକ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହେବା ଘଟଣାରେ ଡାଳିଜୀ ଚନ୍ଦ୍ରଶେଖର ଯୁବକ ସଂଘ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ସହ ନୀରବ ପ୍ରାର୍ଥନା ଓ ପ୍ରତିବାଦ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଡାଳିଜୀ ଶ୍ରୀରାମ ମନ୍ଦିର ନିକଟରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ହୋଇଥିବା ନୀରବ ପ୍ରାର୍ଥନା ଓ ପ୍ରତିବାଦ ସଭାରେ ଯୁବକ ସଂଘର ସଭାପତି ସାରଦା ପ୍ରସାଦ ଜେନା ପୌରେହିତ୍ୟ କରିଥିଲେ। ଏଥିରେ ହରେକୃଷ୍ଣ ଜେନା, ମନମୋହନ ନାୟକ, ପ୍ରାଜ୍ଞ ପୁରୁଷୋତ୍ତମ ଜେନା, ପ୍ରାଜ୍ଞ ପାର୍ଥସାରଥି ଜେନା, ବି ଏମ୍ ସାରଦା ପ୍ରସାଦ, ଆୟୁଷ୍ମାନ ଜେନା, ପ୍ରଭୁ ପସାଦ ଜେନା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ପାକିସ୍ତାନ ଉପରେ ବିଷୋଦଗାର କରିଥିଲେ। ପ୍ରାରମ୍ଭରେ ମୃତକମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ବିଲିକଣା ପଞ୍ଚାୟତକୁ ପୁରସ୍କୃତ କଲେ ରାଜସ୍ୱ ମନ୍ତ୍ରୀ

ପଟ୍ଟାମୁଣ୍ଡାଇ, ୨୫।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାରେ ଆୟୋଜିତ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଉତ୍ସବରେ ସୁଶାସନ, ସ୍ୱଚ୍ଛ ଭାରତ ମିଶନ ସଫଳତା ସହ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଲିକଣା ପଞ୍ଚାୟତ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି 'ଏ' ଗ୍ରେଡ଼ ମାନ୍ୟତା ମିଳିଛି। ଏଥିସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀଙ୍କ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀଙ୍କୁ ପୁରସ୍କୃତ କରିବା ସହିତ ୭ଲକ୍ଷ ୭୨ହଜାର ୯୪୬ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବିଲିକଣା ପଞ୍ଚାୟତ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବାରୁ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଲିକଣା ସରପଞ୍ଚ ଷଡଙ୍ଗୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ଓ ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।





ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପୁରସ୍କୃତ କରୁଛନ୍ତି।

# ଗ୍ରୀଷ୍ମକାଳୀନ ବ୍ୟାଡ୍‌ମିଣ୍ଟନ ଶିବିର



ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀଙ୍କ ସହ ପିଲାମାନେ।

କେନ୍ଦ୍ରାପଡ଼ା, ୨୫।୪(ଜଗନ୍ନାଥ ଧଳ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସହରର ଇଚ୍ଛାପୁରସ୍ଥିତ ଶ୍ୟାମଗୁଡ଼ିଆ ଓ ପଟ୍ଟାମୁଣ୍ଡାଇର ପୋଖରୀଆପଡ଼ାଠାରେ ଥିବା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଏହି ଶିବିରକୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଉଦ୍‌ଘଟନ କରିଛନ୍ତି। ଶିବିର ମେ ୧୧ ତାରିଖରେ ଶେଷ ହେବ। ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ବାଳିକାବାଳକ ଯୋଗ ଦେଇଛନ୍ତି। ପ୍ରଶିକ୍ଷକ ଭାବେ ସରୋଜକାନ୍ତ ଦାସ ଓ ଅରସଦ ଅଲ୍ଲୀ ବ୍ୟାଡମିଣ୍ଟନ ଶିକ୍ଷା ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପରିଚାଳନା କରିଥିଲେ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

## ସଂକ୍ଷେପରେ

### ଛତୁ ଖାଇ ୫ ଗୁରୁତର

ମୋହନା,୨୫ା୪(ମନ୍ମଥ ମିଶ୍ର)

ବଣଛତୁ ଖାଇ ଶୁକ୍ରବାର ଗଜପତି ଜିଲା ମୋହନା ଥାନା ବଡ଼ଖଣି ଗାଁରେ ୫ଜଣ ଗୁରୁତର ହୋଇଛନ୍ତି। ଗାଁର ୬ ଜଣ ପଦରକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ ଗଛ ମୂଳରେ ଛତୁ ଫୁଟିଥିଲା। ଏହି ଛତୁକୁ ଆଣି ସେମାନେ ପଦରରେ ରୋଷେଇ କରି ଖାଇଥିଲେ। ଖାଇବା ପରେ ସନ୍ଧ୍ୟା ୭ଟା ବେଳକୁ ସମସ୍ତଙ୍କରବାନ୍ତି ହୋଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ସେମାନଙ୍କୁ ମୋହନା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ସ୍ଥାନାନ୍ତର ବ୍ୟକ୍ତିମାନେ ହେଲେ ବାବୁଲା ମଳିକ, ବିଶାଳ ମଳିକ, ବାଡ଼ି ମଳିକ,ସାତିବାଲଡି ମଳିକ,ସୁନାରାମ ମଳିକ ।

### ଗଛ ପଡ଼ି ବିଦ୍ୟୁତ୍ ସରବରାହ ବନ୍ଦ

ଖଜୁରିପଡ଼ା,୨୫ା୪ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଡଲାବାଲି ଛକ ଖେଳପଡିଆଠାରେ ବିଦ୍ୟୁତ୍ ତାର ଉପରେ ଗୁରୁବାର ଗଛ ପଡ଼ିବାରୁ ୯ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ବିଭାଗୀୟ ଯନ୍ତ୍ରୀ ବିଚିତ୍ର ବିଷୋୟୀଙ୍କୁ ପଚାରିବାରୁ ସେ କହିଛନ୍ତି, ସେହି ଅଞ୍ଚଳର ଜଣେ ବ୍ୟକ୍ତି ବେଆଇନ ଭାବେ ଶାଳ ଗଛ କାଟୁଥିଲେ। ଗଛଟି ତାର ଉପରେ ପଡ଼ିଯିବାରୁ ତାର ଛିଣ୍ଡି ଯାଇଥିଲା। ମରାମତି କରିବା ପାଇଁ ସମୟ ଲାଗିଲା। ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି। ଫରେଷ୍ଟର ପ୍ରତାପ ଜୁଣ୍ଡିଙ୍କୁ ପଚାରିବାରୁ ସେ ଏ ଉପରେ ଅବଗତ ଅଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରାଯିବ ବୋଲି କହିଛନ୍ତି।

### ଶିକ୍ଷାଦାନ, ଶିକ୍ଷଣ ଉପକରଣ କର୍ମଶାଳା

ଆସିକା,୨୫ା୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ବାବନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଦୁଇଦିନିଆ ଶିକ୍ଷାଦାନ ଶିକ୍ଷଣ ଉପକରଣ କର୍ମଶାଳା ଆରମ୍ଭ ହୋଇଛି । ଏହାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶିବରାମ ବେହେରା ଉଦଘାଟନ କରିଥିଲେ । ସିଆରସିସି ରାଧାମୋହନ ଡାକୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସିଆରସିସି ଶିବଶଙ୍କର ଜେନା, ପ୍ରଧାନଶିକ୍ଷକ ପଦ୍ମଚରଣ ସେଠୀ ଯୋଗ ଦେଇଥିଲେ । ସମ୍ବଳ ବ୍ୟକ୍ତି ରୂପେ ସୁନାତା ବେହେରା ଓ କସ୍ତୁରୀ ବେହେରା, କୁମ୍ଭକାର ମନୋଜ ଏବଂ ସନ୍ତୋଷ ନାହାକ ଶିଳ୍ପକଳା ଏବଂ ପ୍ରଶାନ୍ତ ରାଉତ ଓ କେଶବ ଭୋଳ ହସ୍ତକଳା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିଶୁମାନଙ୍କ ଶ୍ରେଣୀ ଶିକ୍ଷାଦାନକୁ ସରସ ଓ ସୁନ୍ଦର କରିବା ପାଇଁ ବିଭିନ୍ନ ଶିକ୍ଷଣ ଉପକରଣ ପ୍ରସ୍ତୁତି କୌଶଳ ପ୍ରଦର୍ଶନ କରାଯାଇଥିଲା । ଭାଷା ଜ୍ଞାନ, ସଂଖ୍ୟାଜ୍ଞାନ, ଯାଦୁ ପେଡ଼ି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

### ପ୍ରାଣୀ ଚିକିତ୍ସା ଦିବସରେ ସଚେତନତା

ରମ୍ଭା,୨୫ା୪(ବନବାସୀ ସେଠୀ)

ରମ୍ଭା ମିଞ୍ଜିନି ପାଟଣା କଲ୍ୟାଣ ମଣ୍ଡପ ନିକଟରେ ଅଖିଳ ଭାରତୀୟ ସମନ୍ୱିତ ଗଞ୍ଜାମ ଛେଳି ଉନ୍ନତିକରଣ ଗବେଷଣା ପ୍ରକଳ୍ପ ଓଡିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଡ଼.ଚିନ୍ମୟ ମିଶ୍ର, ଡ଼.ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ଡ଼.ଲେନିନ ଗୁମ୍ପା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଚାଷୀମାନଙ୍କୁ ଛେଳି ମାନଙ୍କ ରୋଗ ନ ହେବା ପାଇଁ ଆସିଥିବା ଔଷଧ ଦେଇଥିଲେ।

### ୩ ଦିନ ହେଲା ମୃତକଙ୍କ ପରିଚୟ ମିଳୁନି

ଭଞ୍ଜନଗର,୨୫ା୪(ବାବୁଲା ପ୍ରଧାନ)

ଭଞ୍ଜନଗର ଅଞ୍ଚଳରେ କିଛିଦିନ ହେବ ତାତି ବଢ଼ିଛି। ପୂର୍ବାହ୍ନ ୧୦ଟା ହେଲେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏଭଳି ସ୍ଥିତିରେ ଜଣେ ବ୍ୟକ୍ତି ବୁଧବାର ମଧ୍ୟାହ୍ନରେ ମରାଠି ସାହି ଆଡ଼େ ଯାଇଥିବା ବେଳେ ରାସ୍ତାକଡ଼ରେ ଶୋଇ ପଡ଼ିଥିଲେ। ଦିନସାରା ଖରାରେ ରହିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ହେଲେ ତାଙ୍କ ଶାର୍ଟରେ କିଛି ରକ୍ତ ଛିଟା ଲାଗିଥିବା ଅନ୍ୟ କିଛି କାରଣ ପାଇଁ ମୃତ୍ୟୁ ମଧ ହୋଇଥାଇ ପାରେ ବୋଲି କୁହାଯାଉଛି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ପରିଚୟ ମିଳି ନ ଥିବାରୁ ଶବ ସଂରକ୍ଷିତ ଗୃହରେ ରଖାଯାଇଛି। ଥାନା ଅଧିକାରୀ ଜିବନାନନ୍ଦ ଜେନା କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ।

# ତାତିରେ ଅସ୍ତବ୍ୟସ୍ତ ଜୀବନ

ପାରଳାଖେମୁଣ୍ଡି.୨୫ା୪(ଗିରିଧାରୀ ପରିଛା):



### ଗଜପତିରେ ୪ ଦିନ ଧରି ତାପମାତ୍ରା ରହିଛି ୪୨ଡିଗ୍ରୀ

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି ଜିଲା। ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳିରେ ସାଧାରଣ ଜନଜୀବନ ହୋଇପଡିଛି ଅସ୍ତବ୍ୟସ୍ତ। ବୁଧବାରଠାରୁ ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହୁଛି। ଚଳିତବର୍ଷ ଦେଶରେ ଗ୍ରୀଷ୍ମର ପ୍ରକୋପ ବଢ଼ି ଚାଲିଥିବା ବେଳେ ରାଜ୍ୟ ଓ ଗଜପତି ଜିଲା ମଧ ଏଥିରୁ ବାଦ ପଡିନି। ଜିଲାରେ ଗତ ଦୁଇ ସପ୍ତାହ ଧରି ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଗଜପତିର ଗୋଷାଣୀ, କାଶୀନଗର, ରାୟଗଡ, ଆର୍. ଉଦୟଗିରି, ନୂଆଗଡ ଓ ସଦର ମହକୁମା ପାରଳାଖେମୁଣ୍ଡି ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ଅନ୍ୟ ୨ଟି ବ୍ଲକ ଯଥା ଗୁମ୍ମା ଓ ମୋହନା ବ୍ଲକରେ ତାପମାତ୍ରା ବଢିଥିଲେ ମଧ ସନ୍ଧ୍ୟାରେ ଘଡଘଡି ସହ ବର୍ଷା ହେଉଥିବରୁ ଲୋକେ ଟିକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି। ସହରରେ ପ୍ରଚଣ୍ଡ ଗ୍ରୀଷ୍ମ, ଝାଞ୍ଜି ପବନ ସହ ଗୁଳୁଗୁଳିରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜିଲାର ଅଧିକାଂଶ ସ୍ଥାନରେ ଦୋକାନ ବଜାର ବନ୍ଦ ରହୁଛି। ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଅନ୍ୟପକ୍ଷରେ ଅଂଶୁଘାତର ସମ୍ଭାବନା ଥିବାରୁ ପ୍ରଶାସନ ଜନସାଧାରଣଙ୍କୁ ସଚେତନ କରାଇଛି। ଅଂଶୁଘାତର ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ଥିବା ଏବଂ ଜିଲା ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମୁବରକ ଅଲ୍ଲୀ କହିଛନ୍ତି। ସାରା ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆଗକୁ ଆହୁରି ଦୁଇ ମାସ ଖରା ଅଛି। ତେବେ ଅଂଶୁଘାତ ଯୋଗୁ କାହାର ଯେପରି ମୃତ୍ୟୁ ନ ହୁଏ ସେଥିପାଇଁ ପ୍ରଶାସନ ସଜାଗ ରହିଥିବା ଜିଲାପାଳ ବିଜୟ କୁମାର ଦାସ କହିଛନ୍ତି ।

# ଖଣ୍ଡପଡ଼ା ବ୍ଲକର ୨ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ



ଟ୍ୟାଙ୍କର ଯୋଗେ ଗାଁ ଲୋକଙ୍କୁ ପାଣି ଦିଆଯାଉଛି।

ଖଣ୍ଡପଡା,୨୫ା୪
(ଅଜୟ କୁମାର ମହାରଣା)

ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବ୍ଲକର ସିଧାମୂଳା ପଞ୍ଚାୟତ ଅଧୀନ ଘୋଡାମାରୀଦ୍ୱାର ଗ୍ରାମ ସମେତ ନିକଟସ୍ଥ ଖଳିସାହି ଗ୍ରାମର ପୃଷ୍ଟିସାହି, ବଡସାହି, କୋଟପୋଖରୀ ବାସିନ୍ଦାଙ୍କ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଛି। ଉକ୍ତ ୨ଟି ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ଅସୁବିଧାର ସମ୍ମୁଖିନ ହେଉଥିବା ନେଇ ଜଣାପଡ଼ିବା ପରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇଥିବା ବିଭାଗୀୟ କନିଷ୍ଠଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କଠାରୁ ପ୍ରକାଶ। ସେହିପରି କିଆଝର ପଞ୍ଚାୟତ ଅଧୀନ ଗୋଚ୍ଛାବାରୀ, ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର, ବେଣାଗାଡିଆ ପଞ୍ଚାୟତ ଅଧୀନ ନୃସିଂହପୁରପାଟଣା(ଟାଙ୍କୁପଡ଼ା) ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାରୁ ଉକ୍ତ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପାଇଁ ଦୀପଦାନ



ଖଣ୍ଡପଡ଼ରେ ପର୍ଯ୍ୟଟକଙ୍କ ମୃତ୍ୟୁରେ ମହମବତି ଶୋଭାଯାତ୍ରା।

ଖଣ୍ଡପଡ଼ା,୨୫ା୪
(ଅଜୟ କୁମାର ମହାରଣା)

ଜମ୍ମୁ କାଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣରେ ପହଲଗାମରେ ପର୍ଯ୍ୟଟକମାନଙ୍କ ଭିଡ ଲାଗି ରହିଥିବା ସମୟରେ ୨୬ ଜଣଙ୍କୁ ହତ୍ୟା କରାଯାଇଛି। ପାକିସ୍ତାନର ଏହି ଜଘନ୍ୟ ଅପରାଧ ପାଇଁ ସାରା ଦେଶରେ ପ୍ରତିକ୍ରିୟାର ସ୍ୱର ଉଠିଛି। ତେବେ ଅକାଳରେ ଆତଙ୍କବାଦୀଙ୍କ ଗୁଳିରେ ମୃତ ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ କୃଷ୍ଣେଶ୍ୱରପାଟଣା ଓ ବାଉରୀସୁବୁଦ୍ଧି ପାଟଣା ଗ୍ରାମ ପକ୍ଷରୁ ଦୀପଦାନ କରାଯାଇଛି। ଏଥିସହ ମହମବତି ଶୋଭାଯାତ୍ରାରେ ଗ୍ରାମବାସୀ ସ୍ଥାନୀୟ କୃଷ୍ଣେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରୁ ସଭାପତି ଦିଲୀପ କୁମାର ସାହୁ, ପ୍ରକାଶ କୁମାର ନାୟକ, ସଚ୍ଚିଦାନନ୍ଦ ଦାଶଙ୍କ ନେତୃତ୍ୱରେ ଗ୍ରାମ ପରିକ୍ରମା କରି ନୀଳମାଧବ ମନ୍ଦିର ସିଂହଦ୍ୱାରଠାରେ ପହଞ୍ଚି ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହାଛଡ଼ା ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ।

### କବିସୂର୍ଯ୍ୟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କବିସୂର୍ଯ୍ୟନଗର, ୨୫ା୪(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରସ୍ଥିତ କବିସୂର୍ଯ୍ୟ ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସଭାପତି ସରୋଜ ମିଶ୍ର ଅଧ୍ୟକ୍ଷତା କରିଥିଲେ। କୃପାସିନ୍ଧୁ ସ୍ୱାଇଁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମ୍ୟାଜିସିଆନ ନୀଳମ୍ବର ପ୍ରଧାନ ମ୍ୟାଜିକ ପ୍ରଦର୍ଶନ କରିଥିଲେ। ଖବରଦାତା ରତ୍ନାକର ସିଅ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଏନ୍‌ଏସି ପୂର୍ବତନ ଅଧକ୍ଷ ମନୋରଞ୍ଜନ ମହାପାତ୍ର ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ବିଇଓ ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ରୂପେ ଏବିଇଓ ରବି ନାରାୟଣ ବେହେରା, ଏବିଇଓ ମାଧବ ଚନ୍ଦ୍ର ମାଝୀ, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣି,ପ୍ରଧାନ ଶିକ୍ଷକ ଦିବାକର ଶତପଥୀ, କାଉନ୍‌ସିଲର ବିପିନ ବିହାରୀ ଶତପଥୀ, ଖବରଦାତା ନାରାୟଣୀ ପ୍ରସାଦ ମିଶ୍ର, ଖବରଦାତା ରାମକୃଷ୍ଣ ଡାକୁଆ, ସାମାଜିକକର୍ମୀ ଆଦିତ୍ୟନାଥ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ଉନ୍ନତିରେ ଅଭିଭାବକଙ୍କ ଦାୟିତ୍ୱ ରହିଛି। ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଉଚିତ ବୋଲି ଅତିଥିମାନେ କହିଥିଲେ। ଅଧକ୍ଷା ପ୍ରୀତି ପ୍ରିୟମ୍ବଦା ଦାଶ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଅପମିଶ୍ରିତ ଦେଶୀମଦ ଜବତ ଘଟଣା

# ଫେରାର ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୫ା୪(ଅଶେଷ ନାଥ ମିଶ୍ର)

ଅପମିଶ୍ରିତ ଦେଶୀ ମଦ କାରବାର କରୁଥିବା ମଦ ବ୍ୟବସାୟୀଙ୍କୁ ନୂଆପଡ଼ା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ଶୁକ୍ରବାର ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମରୁ ଗିରଫ କରିଛନ୍ତି। ସେ ହେଲେ ତ୍ରିଲୋଚନ ସାହୁ । ନଂ.୧୨୮/୨୫ରେ ଏକ ମାମଲା ରୁଜୁ ହୋଇଛି। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି।

ଖବରରୁ ଜଣାପଡିଛି, ଗତ ୧୭ ତାରିଖ ସନ୍ଧ୍ୟାରେ କେ.ନୂଆଗାଁ ଥାନା ଏଏସ୍‌ଆଇ ସିଏଚ.ତାରକେଶ୍ୱର ରାଓ ଚାନ୍ଦପୁର, ପତ୍ରପୁଡ଼ି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମ ପୋଖରୀ ନିକଟରେ ତ୍ରିଲୋଚନ ଏବଂ ଅନ୍ୟ କେତେ ଜଣ ଅପମିଶ୍ରିତ ଦେଶୀମଦ ବିକ୍ରି କରୁଥିବା ଖବର ପାଇଥିଲେ। ପୋଲିସ ଘଟଣା ସ୍ଥଳରେ ଚଢାଉ କରିବା ବେଳେ ତ୍ରିଲୋଚନ, କୃଷ୍ଣ ପାଇକଙ୍କ ସହ ଅନ୍ୟ କେତେ ଜଣ ଦୌଡ଼ି ପଳାଇଥିଲେ। ସେବେଠାରୁ ତ୍ରିଲୋଚନ ଫେରାର ଥିଲେ। ଏଏସ୍‌ଆଇ ସେଠାରୁ ୩ଟି ପ୍ଲାଷ୍ଟିକ ଜାରକିନରେ ଥିବା ୩୦ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରିଥିଲେ। ଏ ନେଇ ସେ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ଦୁଇ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରି ନୂଆପଡ଼ା ଫାଣ୍ଡି ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ଜମ୍ମୁ-କଶ୍ମୀର ଆତଙ୍କୀ ହମ୍‌ଲା ପ୍ରତିବାଦରେ ମହମବତି ଶୋଭାଯାତ୍ରା




ନୟାଘନ ଓକିଲ ସଂଘ ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା।

ନୟାଗଡ଼,୨୫ା୪(ଲୋକନାଥ ମିଶ୍ର)

ଜାମ୍ମୁ କାଶ୍ମୀର ଆତଙ୍କୀ ହମଲାରେ ୨୮ ଅମୂଲ୍ୟ ଜୀବନ ହରାଇଥିବା ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଦେଶରୁ ଆତଙ୍କବାଦ ଲୋପ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ନୟାଗଡ଼ ସହରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଜିଲା ଓକିଲ ସଂଘର ଆଇନଜୀବୀମାନେ ପୁରୁଣା କୋର୍ଟଠାରୁ ମହମବତି ଶୋଭାଯାତ୍ରାରେ ଆତଙ୍କବାଦ ବିରୋଧୀ ନାରା ଦେଇ ଗୋଲେଇ ଟ୍ରାଫିକ୍ ଛକ ଦେଇ ତ୍ରିନାଥ ଛକସ୍ଥିତ ମହାତ୍ମା ଗାନ୍ଧୀ ମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ। ଭାରତ ବର୍ଷରେ ଆତଙ୍କବାଦୀ ଆକ୍ରମଣ କରାଇ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସରକାର ନିକଟରେ ଦାବି କରାଯାଇଥିଲା। ଜିଲା ଓକିଲ ସଂଘ ସଭାପତି ରଣଜିତ ଦାଶ ଓ ସମ୍ପାଦକ ସ୍ୱଦେଶ ମିଶ୍ର ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ

ଭଞ୍ଜନଗର,୨୫ା୪(ବାବୁଲା ପ୍ରଧାନ)



ଗଠିତ ପରିଚାଳନା କମିଟିରେ ସଦସ୍ୟାମାନେ।

**ଭଞ୍ଜନଗର ବ୍ଲକ**

ଗଞ୍ଜାମ ଜିଲା ବିପର୍ଯ୍ୟୟ ପ୍ରଶମନ ସମିତି, ଓସଡମା, ଭଞ୍ଜନଗର ବ୍ଲକ ପ୍ରଶାସନ, ସ୍ୱେଚ୍ଛାସେବୀ ସଙ୍ଗଠନ 'ବାର୍ଡ'ର ମିଳିତ ସହଯୋଗରେ ବ୍ଲକର ୫୪ଟି ରାଜସ୍ୱ ଗ୍ରାମରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ ହୋଇଛି। ଶୁକ୍ରବାର କୁଲାଡଠାରେ ହୋଇଥିବା ଏକ କାର୍ଯ୍ୟକ୍ରମରେ କୁଲାଡ, ଗୋଲାପଡା, ବାଉଁଶଲୁଣ୍ଡି, ଡିହପଡାଳ, ତୁରୁମୁ, ଟିଳିଶିଙ୍ଗୀ, ବ୍ରାହ୍ମଣପଦର, ଦୋମୁହାଣି, ହରିଗଡ ଓ ଗାଳେରି ପଞ୍ଚାୟତର ୱାର୍ଡସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ଓ ଗାଁ ସ୍ୱେଚ୍ଛାସେବୀଙ୍କୁ ନେଇ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ ହୋଇଛି। ଯାହାକୁ ୨୧ ଦୁର୍ବିପାକ ଯଥା ତୁଷାରପାତ, ଭୂତାଣୁ ସଂକ୍ରମଣ, ସାପକାମୁଡା, ରାସାୟନିକ ବିକିରଣ, ଶୀତଳହରୀ, ବାତ୍ୟା, ନୌକା ଦୁର୍ଘଟଣା, କୀଟ ଆକ୍ରମଣରେ ଫସଲ ନଷ୍ଟ, ବାଦଲଫଟା ବର୍ଷା, ସଡ଼କ ଦୁର୍ଘଟଣା, ମରୁଡି, ଭୂମିକମ୍ପ, ଅଗ୍ନିକାଣ୍ଡ, ବନ୍ୟା, ଜଙ୍ଗଲପୋଡି, ଅଂଶୁଘାତ, ଭୂସ୍ଖଳନ, ବଜ୍ରପାତ, ପରମାଣୁ ବିସ୍ଫୋରଣ, ଆଦି ସମୟରେ କିଭଳି ମୁକାବିଲା କରାଯିବ କମିଟି ସଭ୍ୟାସଭ୍ୟଙ୍କୁ ବାର୍ଡ ତରଫରୁ ତାଲିମ ଦିଆଯାଇଥିଲା। ବିଶେଷ କରି ବଜ୍ରପାତ ସମୟରେ ଜଳଉସ୍, ଗଛ ତଳେ ନ ରହିବାକୁ କୁହାଯାଇଛି । ବଜ୍ରପାତରେ ବହୁ ଜୀବନ ଯିବା ଚିନ୍ତାର କାରଣ ହୋଇଛି ବୋଲି ସାଧନ କର୍ମୀ ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ କହିଥିଲେ। ତାଳଗଛ ମାଧ୍ୟମରେ ବଜ୍ରପାତ କିଛି ଅଂଶ କମିପାରିବ ବୋଲି ବନ ବିଭାଗ ବନ କର୍ମଚାରୀ ଶରତ କୁମାର ମହାନ୍ତି କହିଥିଲେ। କ୍ଷୟକ୍ଷତି ଆକଳନ ଓ ଦୈବିଦୁର୍ବିପାକ ବିପର୍ଯ୍ୟୟରେ ମୃତକଙ୍କ ପରିବାରକୁ ସରକାରୀ ସାହାଯ୍ୟ କିଭଳି ମିଳିବ ରାଜସ୍ୱ ବିଭାଗ ତରଫରୁ ରାଜସ୍ୱ ନିରୀକ୍ଷକ ସଂଯୋଗ ମହାପାତ୍ର ସାଧନକର୍ମୀ ଭାବେ ଯୋଗ ଦେଇ ଉପସ୍ଥିତ ଗାଁ କଲ୍ୟାଣ ସମିତି ସଭ୍ୟା ଓ ସଭ୍ୟଙ୍କୁ ପ୍ରଶିକ୍ଷଣ ଦେଇଥିଲେ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

# ବିବାଦରେ ୮ ଅଧାପନ୍ତରିଆ ସେତୁ

ଯାଜପୁର,୨୫।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଜାରକା ଗ୍ରାମ୍ୟ ନିର୍ମାଣ ବିଭାଜନ-୨ ଅଧୀନରେ ବିଜୁ ସେତୁ ଯୋଜନାରେ ଚାଲିଥିବା ୮ଟି ସେତୁ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଠିକାସଂସ୍ଥାଗୁଡ଼ିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ମତପ୍ରକାଶ ପାଇଛି। ଏହି ସେତୁଗୁଡ଼ିକର ନିର୍ମାଣ ସରୁ ନ ଥିବାରୁ ଗ୍ରାମାଞ୍ଚଳର ପ୍ରାୟ ୫ ଲକ୍ଷ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ଯୋଗାଯୋଗର ପ୍ରମୁଖ ମାଧ୍ୟମ ହେଉଛି ସଡ଼କ ପଥ। ତେଣୁ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୨୦୧୧ରୁ ଆରମ୍ଭ ହୋଇଛି ବିଜୁ ସେତୁ ଯୋଜନା। ଏହି ଯୋଜନାରେ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଉଛି ସତ, ହେଲେ ଠିକାଦାରମାନଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଅଭିଯୋଗ ହେଉଛି। ଯାଜପୁର ଜିଲାର ବିଜୁ ସେତୁ ଯୋଜନା କାର୍ଯ୍ୟକୁ ଦେଖିଲେ ଏଭଳି ଅଭିଯୋଗ ସ୍ୱାଭାବିକ ଭାବେ ଉଠୁଛି। ନଦୀନାଳ ଭରା ଅଞ୍ଚଳରେ ଲୋକେ ସେତୁ ଦ୍ୱାରା ଅନ୍ୟ ସ୍ଥାନକୁ ସହଜରେ ଯୋଗାଯୋଗ କରିପାରୁଛନ୍ତି। ହେଲେ ନିର୍ମାଣ ପରିଚାଳନାରେ ଗ୍ରାମ୍ୟ ନିର୍ମାଣ ବିଭାଗର ବିଫଳତା, ସ୍ଥାନୀୟ ବିବାଦର ସମାଧାନ ହେବାରେ ବିଳମ୍ବ, ନିର୍ମାଣ କାର୍ଯ୍ୟରେ ଅବହେଳା ଆଦି କାରଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବାଧକ ସାଜିଛି। ଏହାର ଫାଇଦା ନେଉଛନ୍ତି ଠିକାଦାରମାନେ। ସେମାନେ ବିଳମ୍ବ ହେବାର ବାହାନାରେ ବର୍ଦ୍ଧିତ ଦର ଆବେଦନ କରି ଅଧିକ ଲାଭବାନ ହେଉଛନ୍ତି। ଏଥିରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ରହିଥିବା ଅଭିଯୋଗ ହେଉଛି।

ଜିଲାରେ ୨୦୧୮ରୁ ଆରମ୍ଭ ହୋଇଥିବା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନରସିଂହପୁରଠାରୁ ପିପଲଡିହ ରାସ୍ତାର ଶଗଡ଼ିଆ ନାଳ ଉପରେ ସେତୁ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ପ୍ରକଳ୍ପ ପାଇଁ ୧୨୮.୧ ଲକ୍ଷ ଟଙ୍କା ଚୁକ୍ତି ହୋଇଥିବାବେଳେ ୧୨।୯।୨୦୧୯ରେ ଶେଷ ହେବା କଥା। କିନ୍ତୁ ଏହାର ଡାହାଣ ଆପ୍ରୋଚ ରାସ୍ତା ନିର୍ମାଣ ହୋଇପାରିନାହିଁ। ଜମି ବିବାଦ ଯୋଗୁ ଏହା ଅଧାପନ୍ତରିଆ ହୋଇପଡ଼ିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ୨୦୨୦ରେ ଆରମ୍ଭ ହୋଇଥିବା ବଡ଼ଚଣା ନିର୍ବାଚନମଣ୍ଡଳୀର ଭୁବନପୁରଠାରୁ ଜଗନ୍ନାଥପୁର ରାସ୍ତାର ସାନଗେଙ୍ଗୁଟି ନଦୀ ଉପରେ ନିର୍ମାଣାଧୀନ ସେତୁ ଲୋକଙ୍କ କାମରେ ଆସିପାରିନାହିଁ। ଏହି ପ୍ରକଳ୍ପ ପାଇଁ ୫୦୧.୯୩ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିଲା। ଅନୁରୂପ ଭାବେ ଜମି ବିବାଦ ଯୋଗୁ ଏହି ପ୍ରକଳ୍ପ ଅଧାରେ ଅଟକିଛି। କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭୋଟକା ପରିକଇଁଠାରୁ ବାହାବଲପୁର ଆର୍ ଆଣ୍ଡ୍ ବି ରାସ୍ତାର ଚିରଖରସ୍ରୋତା ନଦୀ ଉପରେ ୬।୧।୨୦୨୩ରେ ସେତୁ ନିର୍ମାଣ ଆରମ୍ଭ ହୋଇଥିଲା। ଏଥିପାଇଁ ଠିକାଦାରଙ୍କ ସହ ୩୫୬.୧୫ ଲକ୍ଷ ଟଙ୍କା ଚୁକ୍ତି ହୋଇଥିବାବେଳେ ୫।୧।୨୦୨୪ରେ ଶେଷ ହେବା କଥା। କିନ୍ତୁ ଆପ୍ରୋଚ ରାସ୍ତା ପାଇଁ ଜମି ଅଧିଗ୍ରହଣ ହୋଇ ନ ଥିବାରୁ ଏହା ଅଧାରେ ଲାଖିଛି। ୩୭୭.୬୭ ଲକ୍ଷ ଟଙ୍କାର ମଧୁବନ ହାଇସ୍କୁଲଠାରୁ ଏକତଲା ରାସ୍ତାର ଚିରଖରସ୍ରୋତା ନଦୀ ଉପରେ ସେତୁ ଏବଂ ଭଗୀରଥପୁରଠାରୁ କୁଜିବର ରାସ୍ତାର ଚିରଖରସ୍ରୋତା ନଦୀ ଉପରେ ୨୮୫.୨୫ ଲକ୍ଷ ଟଙ୍କାର ସେତୁର ଆପ୍ରୋଚ ରାସ୍ତା କାର୍ଯ୍ୟ ଜମି ଅଧିଗ୍ରହଣ ପାଇଁ ଅଟକି ରହିଛି। ଏହାବାଦ ସାରଙ୍ଗପୁର ରାସ୍ତାର ଦପା ନାଳର ନୂଆନାଳ କୂଳରେ ସେତୁ ଏବଂ ବଡ଼ଚଣା ନିର୍ବାଚନମଣ୍ଡଳୀର ୧୬ ନମ୍ବର ଜାତୀୟ ରାଜପଥଠାରୁ ସପନପୁର ରାସ୍ତାର ସଫେଇ ନାଳ ଉପରେ ସେତୁ ନିର୍ମାଣ ଆରମ୍ଭ ହୋଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନାରୀଠାରୁ ଷେଣ୍ଟପୁର ରାସ୍ତାର ଶଗଡ଼ିଆ ନାଳ ଉପରେ ସେତୁ କାର୍ଯ୍ୟର ଆପ୍ରୋଚ ରାସ୍ତା ନିର୍ମାଣ ହୋଇପାରୁନାହିଁ। ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଫଳ ହେଲେ ଠିକାଦାରଙ୍କଠାରୁ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯିବ ବୋଲି ଚିଫ୍ ଇଞ୍ଜିନିୟର ଚେତାବନୀ ଦେଇଥିଲେ। ହେଲେ ତାହା ଚେତାବନୀରେ ହିଁ ଅଟକି ରହିଥିବାରୁ ସେତୁ କାର୍ଯ୍ୟ ମଧ୍ୟ ଅଧାରେ ଅଟକୁଥିବା ମତପ୍ରକାଶ ପାଇଛି।



ସପନପୁର ରୋଡର ସଫେଇ ନାଳ ଉପରେ ନିର୍ମାଣାଧୀନ ସେତୁ।

## ସଂକ୍ଷେପରେ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଯାଜପୁର ଟାଉନ,୨୫।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ନରସଂହାର ଘଟଣାକୁ ନେଇ ଦେଶରେ ପ୍ରତିଶୋଧର ନିଆଁ ଜଳୁଛି। ନିରୀହ ପର୍ଯ୍ୟଟକଙ୍କୁ ଯେଉଁଭଳି ହତ୍ୟା କରାଯାଇଛି ତାକୁ ତୀବ୍ର ନିନ୍ଦା କରିଛି ଆନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ। ଏହିକ୍ରମରେ ଆନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ପାକିସ୍ତାନ ମୁର୍ଦ୍ଦାବାଦ ଓ ଆତଙ୍କବାଦୀଙ୍କୁ ଭାରତରେ ସ୍ଥାନ ନାହିଁ ବୋଲି ନାରା ଦିଆଯାଇଛି। ଏଥିସହିତ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ପ୍ରଦାନ କରାଯାଇଛି। ଶୋଭାଯାତ୍ରା ଗାନ୍ଧୀ ଛକଠାରୁ ବାହାରି ସହର ପରିକ୍ରମା କରି ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏଥିରେ ଆନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ପ୍ରଭାତ ମଲ୍ଲିକ, ଗୌତମ ପ୍ରସାଦ ସାହୁ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ରାଜେନ୍ଦ୍ର ପ୍ରଧାନ, ଅରବିନ୍ଦ ଦାସ, ବାଦଲ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ବଡ଼ଚଣା କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଚଣ୍ଡିଖୋଲ,୨୫।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ହୋଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ବଡ଼ଚଣା କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲଙ୍କ ନେତୃତ୍ୱରେ ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକ ନିକଟରୁ ଶୋଭାଯାତ୍ରା ବାହାରି କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସୁରେଶ ଚନ୍ଦ୍ର ସାହାଣୀ, ବିଳାସ ଚନ୍ଦ୍ର ବାରିକ, ବିଶ୍ୱପ୍ରକାଶ ସାମଲ, ସେକ୍ ଅବଦୁଲ ମଜିଜ, ସଞ୍ଜୟ କର, ବଟକୃଷ୍ଣ ଦାସ, ସନ୍ତୋଷ ପରିଡ଼ା, ସୁଧୀର ଦାସ, ସରୋଜ ଜେନା, ପ୍ରଭାତ ସାହୁ, ବିଶ୍ୱରଞ୍ଜନ ବେହେରା, ଅଶୋକ ବେହେରା ଓ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ବହୁ କଂଗ୍ରେସ କର୍ମୀ ସାମିଲ ହୋଇ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

### ବଡ଼ମଙ୍ଗଳପୁରରେ ଚଣ୍ଡୀ ମହାଯଜ୍ଞ

ଧର୍ମଶାଳା,୨୫।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଗ୍ରାମଦେବତୀ ମା' କରଞ୍ଜେଇଙ୍କ ମନ୍ଦିର ପରିସରରେ ସପ୍ତସତୀ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ନିକଟ ବ୍ରାହ୍ମଣୀ ନଦୀରୁ ଜଳ ଅଣାଯାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଘଟ ସ୍ଥାପନା କରାଯାଇ ସୂର୍ଯ୍ୟ ପୂଜା, ଗୋ ପୂଜା, ଯଜ୍ଞକାର୍ଯ୍ୟ ଆଦି କରାଯାଇଥିଲା। ପଣ୍ଡିତ ବିଜୟ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ସଞ୍ଚାଳନ କରିଥିଲେ। ମା'ଙ୍କ ମହାସ୍ନାନ ସହ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ମା'ଙ୍କ ଦର୍ଶନ କରିବା ପାଇଁ ବଡ଼ମଙ୍ଗଳପୁର ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ଖବରଦାତାଙ୍କ ପରଲୋକ

ଯାଜପୁର ଟାଉନ,୨୫।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁରର ବରିଷ୍ଠ ଖବରଦାତା ରବୀନ୍ଦ୍ର ରଣାଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶୁକ୍ରବାର ଏହି ଖବର ପ୍ରଚାରିତ ହେବାପରେ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାହାବଳପୁରସ୍ଥିତ ବାସଭବନକୁ ଯାଇ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ଜିଲା ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ଅଜୟ ରାଉଳ, ସାଧାରଣ ସମ୍ପାଦକ ତରୁଣ ନନ୍ଦ, ସଦସ୍ୟ ବିରଜା ପାଣି, ଆଦିତ୍ୟ ମେକାପ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। କ୍ଲବ ପକ୍ଷରୁ ତୁଳସୀ ରିସୋର୍ଟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରେସ୍‌କ୍ଲବ ସଭାପତି ରାଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅରୁଣ ରାଉତରାୟ, ସମରଜିତ ମହାନ୍ତି, ଦିଲୀପ ଦାସ, ତପନ ମହାନ୍ତି, ପ୍ରଦୀପ ବେହୁରିଆ, ଦେବାଶିଷ ସାହୁ, ସନ୍ଦୀପ୍ତ ରାୟ, ଅନିଲ ପଣ୍ଡା, ସୁରେନ୍ଦ୍ର ନାୟକ, ହିମାଂଶୁ ପାଢ଼ୀ ପ୍ରମୁଖ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନିହତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଯାଜପୁର ଟାଉନ,୨୫।୪
(ପ୍ରଯକ୍ତା ପ୍ରିୟଦର୍ଶିନି ମହାନ୍ତି)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିବା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଲାଗି ଯାଜପୁରର ବିଭିନ୍ନ ସଂଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ମେଡିକାଲ ଛକଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଯାଜପୁର ବିକାଶ ମଞ୍ଚ, ଅନ୍ୱେଷଣ ଥିଏଟର ଗ୍ରୁପ, ବୈଦେହୀରାଜପୁର ଘଣ୍ଟବାଦକ ସଂଘର ସଭ୍ୟମାନେ ସାମିଲ ହୋଇଥିଲେ। ତରୁଣ ନନ୍ଦ, ପ୍ରବୋଧ ନାୟକ, ଗିରିଧାରୀ ସାହୁ, ଅକ୍ଷୟ ଦାସ, ବାଦଲ ନନ୍ଦ, ହୃଷୀକେଶ ମେକାପ, କଳିଙ୍ଗ କେଶରୀ ମହାନ୍ତି, ଅଭିମନ୍ୟୁ ମିଶ୍ର, ସୁନିଲ ନାୟକ, ପ୍ରଶନ୍ନ ରାଉତରାୟ, ନରେଶ ଦାସ, ବଳରାମ ବିଶୋଇ ଓ ଭରତ ଚନ୍ଦ୍ର ବେହେରାଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

## ୨ ଚୋରା ମାଙ୍କଡ଼ା ପଥର କଟା ମେଶିନ ଜବତ

ଛତିଆ,୨୫।୪(ସୌମ୍ୟ ରଂଜନ ସାହୁ)

କଟକ ବନଖଣ୍ଡ ଅନ୍ତର୍ଗତ ବୈରୀଠାରେ ଥିବା ଡାଲିଯୋଡ଼ା ବନାଞ୍ଚଳ ପକ୍ଷରୁ ଗୁରବାର ରାତିରେ ଚୋରା ମାଙ୍କଡ଼ା ପଥର ଖାଦାନରେ ଚଢାଉ କରାଯାଇଛି। ଏହି ସମୟରେ ପଥର କଟାରେ ବ୍ୟବହାର ହେଉଥିବା ଦୁଇ ମେଶିନ ଜବତ କରାଯାଇଛି। ଦର୍ପଣ ତହସିଲ ସୋଲର ରାଜସ୍ୱ ସର୍କଲ ଅଧୀନ ବାଘୁଆ ମୌଜାରେ ଚୋରା ମାଙ୍କଡ଼ା ପଥର କଟାଯାଉଥିବା ଖବର ପାଇ ବୈରୀ ବନାଞ୍ଚଳ ଅଧିକାରୀ ଅଦ୍ୱୈତ ପ୍ରଧାନ, ବୈରୀ ଫରେଷ୍ଟର ସସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ଚୌଦ୍ୱାର, ବୈରୀ ଓ ଚଣ୍ଡିଖୋଲ ବନାଞ୍ଚଳ କର୍ମଚାରୀ ଚଢ଼ାଉ କରିଥିଲେ। ଏକ ପାୱାର ଟ୍ରିଲରକୁ ମାଫିଆମାନେ ବନବିଭାଗଠାରୁ ଜୋର୍ ଜବରଦସ୍ତ ଛଡ଼ାଇ ନେଇଥିଲେ। ଘଟଣାସ୍ଥଳରେ ବୈରୀ ଥାନା ଏଏସଆଇ ଧୀରେନ୍ଦ୍ର ପଣ୍ଡା ପହଞ୍ଚିଯିବାରୁ ପଥର କାଟୁଥିବା ଲୋକେ ଫେରାର ହୋଇଯାଇଥିଲେ।

# ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

ଯାଜପୁର ମେଡିକାଲ କଲେଜ

ଯାଜପୁର ଟାଉନ,୨୫।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ମହାରାଜା ଯଯାତି କେଶରୀ ମେଡିକାଲ କଲେଜରେ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗୁରୁବାର ସିଂହପୁରସ୍ଥିତ ଅରଗଳ ଶାସନରୁ ଉଷାରାଣୀ ପୁହାଣ, ଜାଆ ସୁଜାତା ପୁହାଣ, ଦିଅର ସୁମନ୍ତ ପୁହାଣ ବାପା କୃଷ୍ଣ ଚନ୍ଦ୍ର ପୁହାଣ(୮୨)ଙ୍କୁ ରକ୍ତଜନିତ ସମସ୍ୟା କାରଣରୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଶୁକ୍ରବାର ମହାରାଜା ଯଯାତି କେଶରୀ ମେଡିକାଲ କଲେଜର ଡା. ବେଦବ୍ୟାସ ଦାଶ ରୋଗୀ କୃଷ୍ଣଚନ୍ଦ୍ରଙ୍କୁ ଚିକିତ୍ସା କରିବା ସମୟରେ କୌଣସି କାରଣରୁ ତାଙ୍କର ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଡାକ୍ତର ଉତ୍‌କ୍ଷିପ୍ତ ହୋଇ ଉଷାରାଣୀଙ୍କ ମୋବାଇଲ ଫୋନ ଛଡ଼ାଇ ନେବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ସଂପୃକ୍ତ ମହିଳା ଯାଜପୁର ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଚିକିତ୍ସାଧିକାରୀ(ମେଡିକାଲ) ଡା. ଅନୁପ ନାଥଶର୍ମାଙ୍କୁ ଲିଖିତ ଅଭିଯୋଗ କରିବା ସହ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଚିକିତ୍ସାଧିକାରୀ ନାଥଶର୍ମାଙ୍କୁ ପଚାରିବାରେ ସେ କହିଛନ୍ତି, ସଂପୃକ୍ତ ମହିଳାଙ୍କଠାରୁ ଅଭିଯୋଗ ପାଇଛି। କାର୍ଯ୍ୟାନୁଷ୍ଠାନ ନିମନ୍ତେ ଯାଜପୁର ଥାନାକୁ ପଠାଯିବ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଡା. ଦାଶଙ୍କୁ ପଚାରିବାରେ ସେ ଦୁର୍ବ୍ୟବହାରକୁ ଅସ୍ୱୀକାର କରିବା ସହ ରୋଗୀଙ୍କୁ ଚିକିତ୍ସା କରିବା ସମୟରେ ତାଙ୍କ ସମ୍ପର୍କୀୟ ବାଧା ସୃଷ୍ଟି କରିବା ସହ ପାଟିତୁଣ୍ଡ କରିଥିଲେ। ଏପରିକି ପଦାରେ ଯାଇ ଗାଳିଗୁଲଜ କରିଥିଲେ ବୋଲି ଡାକ୍ତର ପାଲଟା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ମହାରାଜା ଯଯାତି ମେଡିକାଲ କଲେଜର ସୁପରିନ୍‌ଟେଣ୍ଡେଣ୍ଟଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।




ଯାଜପୁର ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

## ଛତିଆରୁ ନିଖୋଜ ନାବାଳିକା କେନ୍ଦ୍ରାପଡ଼ାରୁ ଉଦ୍ଧାର

ଛତିଆ,୨୫।୪(ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ବସ୍ ଷ୍ଟାଣ୍ଡରୁ ଶୁକ୍ରବାର ମଧ୍ୟାହ୍ନରେ ନିଖୋଜ ହୋଇ ଯାଇଥିବା ଜଣେ ନାବାଳିକାଙ୍କୁ କେନ୍ଦ୍ରାପଡ଼ାରୁ ଉଦ୍ଧାର କରାଯାଇଛି। ଛତିଆ ନିକଟ ସୋଲର ଗ୍ରାମର ପବିତ୍ର ଜେନାଙ୍କ ୫ ବର୍ଷର ଝିଅ ସୁନିତା ଜେନା ତାଙ୍କ ଜେଜେ ମା'ଙ୍କ ସହ ମାମୁଘରକୁ ଯିବା ପାଇଁ ବସଷ୍ଟାଣ୍ଡକୁ ଆସିଥିଲେ। ସେଠାରେ ସେ ଏକ ବସରେ ଭୁଲବଶତଃ ଉଠି ଯାଇଥିଲା। ପରିବାର ଲୋକେ ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବାପରେ ଛତିଆ ବିଟ ହାଉସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ି ଚାଳକ ସଂଘ ସହଯୋଗରେ ଚଣ୍ଡିଖୋଲରୁ କଟକ ଆଡେ ଯାଉଥିବା ବିଭିନ୍ନ ଗାଡ଼ି ଚାଳକଙ୍କୁ ଯୋଗାଯୋଗ କରିଥିଲା। ଶେଷରେ କେନ୍ଦ୍ରାପଡ଼ାର ପ୍ରିନ୍ସ ନାମକ ଏକ ଘରୋଇ ବସରେ ନାବାଳିକା ଯାଇଥିବା ସୂଚନା ମିଳିଥିଲା। ଏହାପରେ ନାବାଳିକାଙ୍କୁ ସମ୍ପୃକ୍ତ ବସର କର୍ମଚାରୀମାନେ କେନ୍ଦ୍ରାପଡ଼ା ତିନି ମୁହାଁଣି ଫାଣ୍ଡିରେ ଛାଡ଼ିଥିଲେ। ଛତିଆ ବିଟ ହାଉସ କନଷ୍ଟେବଳ ତାପସ ରାଉତରାୟ ସହୋଯାଗରେ ନାବାଳିକାଙ୍କୁ ଅଣାଯାଇ ତାଙ୍କ ପରିବାର ଜିମା ଦିଆଯାଇଥିଲା।

## ଭଗତ ସିଂ ଯୁବକ ସଂଘ ପକ୍ଷରୁ ଦୀପଦାନ

ଯାଜପୁରରୋଡ୍,୨୫।୪
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଏହି କାର୍ଯ୍ୟକ୍ରମ କରାଯିବା ସହ ଆକ୍ରମଣକୁ ନିନ୍ଦା କରାଯାଇଛି। ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ଏବଂ ସଂଘ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ ହିନ୍ଦୁମାନଙ୍କୁ ଏକତ୍ରିତ ରହିବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ହେମନ୍ତ ଧୀର, ବ୍ୟାଙ୍କବିହାରୀ ବାଇଧର ମାଝୀ, ମହେଶ୍ୱର ନାୟକ, କାର୍ଯ୍ୟକାରୀ ସଭାପତି ସମୀର ରାୟ ସହ ସମ୍ପାଦକ ଅକ୍ଷୟ ନାୟକ, ପ୍ରମୋଦ ମଲ୍ଲିକ, ଶଶାଙ୍କ ବ୍ରହ୍ମ, ଘଗେଶ୍ୱର ମଲ୍ଲିକ, ରମେଶ ବିଶ୍ୱାଳ, ବିଜୟ ନନ୍ଦୀ, ତପନ ବାରିକ, ଗୋବର୍ଦ୍ଧନ ଦାଶ, ଜିତେନ୍ଦ୍ର ମହାନ୍ତି, ଅସିତ ଦାଶ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଦିବ୍ୟାଙ୍ଗଙ୍କ ଅସନ୍ତୋଷ

ଯାଜପୁର ଟାଉନ,୨୫।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦିବ୍ୟାଙ୍ଗ ପରୀକ୍ଷା ପାଇଁ ଆସିଥିବା ରୋଗୀଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଛି। ଫଳରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ ବସିବା ପାଇଁ ସ୍ଥାନ ନ ଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା କରାଯାଇ ନ ଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ପରୀକ୍ଷା କରିବାକୁ ଶୁକ୍ରବାରକୁ ଧାର୍ଯ୍ୟ କରାଯାଇଥିଲା। ତଦନୁଯାୟୀ ଦିବ୍ୟାଙ୍ଗମାନେ ଆସି ଅପେକ୍ଷା କରିଥିଲେ।

# ହିନ୍ଦୁ ସମାଜ ପକ୍ଷରୁ ମଶାଲ ଶୋଭାଯାତ୍ରା

ଛତିଆ,୨୫।୪(ସୌମ୍ୟ ରଞ୍ଜନ ସାହୁ)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ହୋଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଛତିଆ ହିନ୍ଦୁ ସମାଜ ପକ୍ଷରୁ ନୀରବ ପ୍ରାର୍ଥନା ସହ ମସାଲ ଶୋଭାଯାତ୍ରା କରାଯାଇଛି। ଏଥିସହିତ ପାକିସ୍ତାନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ବଡ଼ଚଣା ବ୍ଲକ୍ ଅଧୀନ ଛତିଆଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ସର୍ବେଶ୍ୱର ଷେଣ୍ଠ, ଅମିତାଭ ବେହେରା, ଅମିୟ ନାଥ, ସରୋଜ ସିଂ, ପ୍ରକାଶ ରାଉତରାୟ, ଗିରିଜା ଶଙ୍କର ଷେଣ୍ଠ, ରମେଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ।




ଛତିଆ ହିନ୍ଦୁ ସମାଜ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

## ସଂକ୍ଷେପରେ

### ଜାତୀୟ ଶିକ୍ଷାନୀତି ଆଧାରିତ ପାଠ୍ୟକ୍ରମର କର୍ମଶାଳା

**ଜଗତ୍‌ସିଂହପୁର, ୨୫।୪ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜାତୀୟ ଶିକ୍ଷାନୀତି ଆଧାରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଅନ୍ତର୍ଗତ ୧୧ ବିଦ୍ୟାଳୟରୁ ୧୧୫ରୁ ଊର୍ଦ୍ଧ୍ୱ ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜଗତ୍‌ସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କୁଟୁମ୍ବ ପ୍ରବୋଧକ ପ୍ରମୁଖ ରବି ନାରାୟଣ ମିଶ୍ର ମୁଖ୍ୟବକ୍ତା, ଜିଲା ପ୍ରମୁଖ ରଶ୍ମିକାନ୍ତ ସାହୁ, ବିଭାଗ ନିରୀକ୍ଷକ ପ୍ରଶାନ୍ତ ପଧାନ, ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ସଙ୍କୁଳ ସଂଯୋଜକ ପ୍ରସନ୍ନ ଖୁଣ୍ଟିଆ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କର୍ମଶାଳା ୩ ଦିନ ଧରି ଚାଲିଥିଲା। ବିଭିନ୍ନ ସମୟରେ ଏହି କର୍ମଶାଳାରେ ଅତିଥି ଭାବେ ଜ୍ୟୋସ୍ନାରାଣୀ ଦାସ, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଗୀତା ପ୍ରଚାରକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ସାମାଜିକ କର୍ମୀ ରଶ୍ମିରଞ୍ଜନ ଦାସ ବେହେରା ଓ ଭଗବାନ ଦାସ, ଓସମାର ମହନ୍ତ ଓସାମା ଯୋଗଦେଇଥିଲେ। ସହସଂଯୋଜକ ପ୍ରଦୀପ୍ତ ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ସ୍ୱାଇଁ, ଗଦାଧର ସାହୁ, ଆଲୋକ ଯତି ଓ ଅଦ୍ୱୈତ ସାହୁ ଯୋଗଦେଇ କର୍ମଶାଳାକୁ ସୁରୁଖୁରୁ ଓ ଶୃଙ୍ଖଳିତ କରିବାରେ ସାହାଯ୍ୟ କରିଥିଲେ। ଏହି କର୍ମଶାଳାରେ ଆଦର୍ଶ ଶିକ୍ଷାଦାନ, ଉପକରଣ ପ୍ରସ୍ତୁତି କାର୍ଯ୍ୟଭିତ୍ତିକ ଶିକ୍ଷା, ଆମର ଲକ୍ଷ୍ୟ, ସ୍ପୋକେନ ଇଂଲିଶ୍ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ସଡ଼କ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ଜଗତ୍‌ସିଂହପୁର, ୨୫।୪(ପ୍ରମୋଦ କୁମାର ନାୟକ)**

### ଜଗତ୍‌ସିଂହପୁର ଜିଲା ସଡ଼କ ସୁରକ୍ଷା କମିଟି ବୈଠକ



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ଅଧ୍ୟକ୍ଷତା କରି ଦୁର୍ଘଟଣାର କାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ତା'ର ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ ଅତିରିକ୍ତ ଏସ୍‌ପି ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନିୟମ ଉଲ୍ଲଂଘନ କଲେ ଜରିମାନା ସହ ଲାଇସେନ୍ସ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁରର ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶ ଓ ପାରାଦୀପର ଅତିରିକ୍ତ ..... ସ୍ମୃତିରଞ୍ଜନ କର ଉପସ୍ଥିତ ରହି ଜିଲାରେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗାଡ଼ି ଚଳାଇବା ସମୟରେ ମୋବାଇଲରେ କଥା ହେବା, ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍, ନାବାଳକଙ୍କ ଗାଡ଼ିଚାଳନା ଇତ୍ୟାଦି ଦୁର୍ଘଟଣାର ପ୍ରମୁଖ କାରଣ। ତେଣୁ ଉଭୟ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲାକ୍ ସ୍ପଟ୍ ଚିହ୍ନଟ ଉପରେ ଗୁରୁତ୍ୱ ଦେବା ପାଇଁ ରାସ୍ତା ଓ କୋଠାବାଡ଼ି ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପରାମର୍ଶ ଦିଆଯାଇଥିଲା। ରାସ୍ତାରେ ଲୁହାପଥର ବୋଝେଇ ଟ୍ରକ୍ ଧାଡ଼ି ହୋଇ ରହିବା ପ୍ରମୁଖ ଦୁର୍ଘଟଣାର କାରଣ ପାଲଟିଥିବାରୁ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଥିଲା। ନୋ ପାର୍କିଂ ଜୋନ୍‌ରେ ସାଇନବୋର୍ଡ ଲଗାଇବା, ଟ୍ରାଫିକ୍ ମ୍ୟାନେଜମେଣ୍ଟ, ନାଇଟ ପାଟ୍ରୋଲିଂ, ମଦ୍ୟପାନ କରି ସହରରେ ନିଶାସକ୍ତ ଅବସ୍ଥାରେ ବୁଲୁଥିବା ଯୁବପିଢ଼ିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଲାଇସେନ୍ସ ପ୍ରଦାନ ସମୟରେ କଠୋର ନିୟମ ଲାଗୁ କରିବା, ଜଗତ୍‌ସିଂହପୁର ପୌରାଞ୍ଚଳର ମୁଖ୍ୟ କେନାଲ ଉପରେ ପାର୍କିଂ ବା ଗିରଣ୍ଠର ସାଇନେଜ, ଲୁଲାପ୍ରାଣୀ ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ବସ୍ ଓ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣା ଦିନର ସ୍ମୃତି ବଖାଣିଲେ ପୁରାତନ ଛାତ୍ରୀଛାତ୍ର



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

**ଜଗତ୍‌ସିଂହପୁର, ୨୫।୪(ପ୍ରମୋଦ ନାୟକ)**

### ୧୯୭୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ବିରିଡ଼ି ବ୍ଲକ ଅନ୍ତର୍ଗତ ଅଳକା ହାଇସ୍କୁଲରେ ୧୯୭୮ ବ୍ୟାଚର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଡି ରାଜଙ୍କ ଆହ୍ୱାନ ଏବଂ ଲିଙ୍ଗରାଜ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୃସିଂହ ଚରଣ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ଶରତ ନାୟକ, ସୁକାନ୍ତ ରାଉତରାୟ, ସନ୍ତୋଷ ବେହେରା, କୈଳାସ ସେଠୀ, ପବିତ୍ର ଦାସ, ଅଳକା ଦାସ, ସ୍ନେହଲତା ଦାସ, ଅନ୍ନପୂର୍ଣ୍ଣା ପଣ୍ଡା ଓ ଅନିତା ଦାସଙ୍କ ସମେତ ୫୬ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସାଙ୍ଗହୋଇ ପଢ଼ୁଥିବା କେତେଜଣ ସାଙ୍ଗଙ୍କ ପରଲୋକ ହୋଇଯାଇଥିବାରୁ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରତିବର୍ଷ କରିବାକୁ ସ୍ଥିର କରାଯାଇଥିଲା। ଶେଷରେ ଲିଙ୍ଗରାଜଦାସ ଧନ୍ୟବାଦ ଦେଇଥିଲେ।

## ଆତଙ୍କବାଦୀଙ୍କ ଗୁଳିରେ ନିହତଙ୍କୁ ଶ୍ରଦ୍ଧାଞ୍ଜଳି



ବିଚାରପତି ଏବଂ ଓକିଲମାନେ ଆତଙ୍କବାଦୀଙ୍କ ଗୁଳିରେ ନିହତଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

**କୁଜଙ୍ଗ, ୨୫।୪(ମନୋଜ ପ୍ରଧାନ)**

କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିବା ବ୍ୟକ୍ତିମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କୁଜଙ୍ଗ ବାର ଆସୋସିଏଶନ ସଭାକକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାର ଆସୋସିଏଶନ ସଭାପତି ଏଏନ୍‌ଡି ଯାଦବ ଏଥିରେ ସଭାପତିତ୍ୱ କରିଥିଲେ। ଜଗତ୍‌ସିଂହପୁର ପରିବାର ଅଦାଲତ ବିଚାରପତି ଭଗବାନ ପ୍ରଧାନ, କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ସବ୍‌ଜଜ୍ ଚିନ୍ମୟୀ ପଣ୍ଡା, ମୁନ୍‌ସିଫ ଡ. ବିଶ୍ୱ ଭୂଷଣ ନାୟକ, ଜେଏମ୍‌ଏଫ୍‌ସି ରାଜେଶ ମିଶ୍ର, ଓକିଲ ସଂଘ ଉପସଭାପତି ବିଶ୍ୱବ୍ରତ ସ୍ୱାଇଁ, ସମ୍ପାଦକ ବ୍ରଜ କିଶୋର ରାଉତ, ସହସମ୍ପାଦକ ରଞ୍ଜିତ ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଅମୃତ ଦାସ, ଭାଗୀରଥି ମହାପାତ୍ର, ଦେବାଶିଷ କର୍ଣ୍ଣ, ପ୍ରଣୟ ପରିଜା, ଭାରତ ଭୂଷଣ ଦାସ, ରଶ୍ମିରଞ୍ଜନ ସାମନ୍ତରାୟ, ନୃସିଂହ ପ୍ରଧାନ, କାର୍ତ୍ତିକ ମହାନ୍ତି, କୈଳାସ ମହାନ୍ତି, ପ୍ରଫୁଲ୍ଲ ବେହେରା, ପ୍ରମୋଦ ବେହେରା, ଶ୍ରୀଧର ମିଶ୍ର, କରୁଣାକର ସାହୁଙ୍କ ସମେତ କୁଜଙ୍ଗ ଓକିଲ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ହନୁମାନଙ୍କ ଜନ୍ମୋତ୍ସବ, ମୁକ୍ତମଞ୍ଚ ନାଟକ ଉତ୍ସବ

**କୁଜଙ୍ଗ, ୨୫।୪(ମନୋଜ ପ୍ରଧାନ):** ଏରସମା ବ୍ଲକ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ବନିପାଟ ଗ୍ରାମରେ ହନୁମାନଙ୍କ ଦଶମ ବାର୍ଷିକ ଜନ୍ମ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ସୂର୍ଯ୍ୟନାରାୟଣ ପୂଜା, ହନୁମାନ ଚାଳିଶା ପାଠ, ଯଜ୍ଞ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଆଦି କରାଯାଇଥିଲା। ଚାରିଦିନ ବ୍ୟାପୀ ଆୟୋଜିତ ଉତ୍ସବର ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀରାମଲୀଳା ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ପ୍ରଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶିତ ମା' ଚାଉଖାଇ ଡ୍ରାମାଟିକ୍ କ୍ଲବ ନିବେଦିତ ସାମାଜିକ ନାଟକ ଗୀତାକୁ ଛୁଇଁଲେ ପାପ ମଞ୍ଚସ୍ଥ ହୋଇଥିଲା। ଦୀପକ ରାଉତ, ପ୍ରସାଦ ରାଉତ, ଚଗଲା ଦାସ, ଶଶିଭୂଷଣ ଦାସ ଓ ବାସୁଦେବ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

INSURANCE INSTITUTE OF INDIA

**NOTICE INVITING TENDER**

We are pleased to invite applications for space on rental basis **(5,000 to 10,000 square feet approx.)** to set up an Educational/Training Institute ideally situated within a 15-kilometer radius of the **Sachivalaya, Bhubaneswar** (Existing Educational Institutions may also apply). The details of Bid requirements are published on our website. Kindly visit **www.insuranceinstituteofindia.com ➡Tender ➡Bid for renting premises at Bhubaneswar**. The last date for submission of application bids is **13th May, 2025.** For any queries, send email to **lanjekar@iii.org.in**

**SECRETARY GENERAL**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**EMPLOYEE RELATION & CANTEEN DEPARTMENT**

REF.NO.E.R&C / TENDER / BISCUIT, GROCERY & SOFT-DRINKS / 2025-26 / 267 DATED:-17-04-2025

Sealed tender is invited from registered dealers with GST Registration No. for supply of items as per schedule given for a period of 12 months from the date of issue of order.

| SL.NO. | SCHEDULE-A | EMD |
|---|---|---|
| 1. | BISCUITS, GROCERY, & SOFT-DRINKS (PACKED & NON-PACKED) | Rs.15,000.00 |

Tender form can be obtained from the office of the AGM (H.R-TA, G, E.R & C), Employee Relation & Canteen Department, on all working days during the working hours on payment of Rs.110/- (Rupees one hundred ten only) inclusive of all taxes through SB collect.
The tenders complete in all respect will be received up to 15-05-2025, 3.00 PM in the tender box kept in the office of AGM (H.R-TA, G, E.R & C). The tender will be opened at 4.00 PM on the same day i.e 15-05-2025.
The tender shall remain valid for a period of 3 months from the date of receipt of the tender. If the tenderer resiles from the offer or varies the terms of offer, the EMD shall be forfeited. A copy of this advertisement can also be seen on the company website www.sailtenders.co.in.

AGM (H.R-TA, G, E.R & C)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)

**Tender Call Notice**
**No.1523 / SW Dt.25.04.2025**

Sealed Tenders are invited for engagement of Transport agent / contractor for transportation of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector / DSWO or may visit the official website of Subarnapur District **"https://subarnapur.odisha.gov.in"**.

**Sd./- Collector, Subarnapur**

# ଜିନିଷ ଗଢ଼ି ତୋଳିବାରେ ପ୍ରେରଣା ଯୋଗାଇବ କର୍ମଶାଳା

### ରେଢୁଆ କ୍ଲଷ୍ଟରର ଶିକ୍ଷଣଭିତ୍ତିକ ଖେଳଣା ପ୍ରସ୍ତୁତ କର୍ମଶାଳା ଉଦ୍‌ଯାପିତ



ଉଦ୍‌ଯାପନୀ ସଭାରେ ଅତିଥି ଏବଂ ଅନ୍ୟମାନେ।

**ରଘୁନାଥପୁର, ୨୫।୪(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପୀ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ଭିତ୍ତିକ ଖେଳଣା ପ୍ରସ୍ତୁତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ଚିନ୍ମୟ କୁମାର ରଥଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଏବିଇଓ ଆଶୁତୋଷ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ କୋମଳମତି ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ କର୍ମଶାଳା ସେମାନଙ୍କୁ କୌଣସି ଜିନିଷ ଗଢ଼ି ତୋଳିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ଏବିଇଓ ବାନାର୍ଜୀ ମତବ୍ୟକ୍ତ କରିଥିଲେ। ସେହିପରି ପିଲାମାନଙ୍କ ଜ୍ଞାନକୌଶଳ ଓ ଦକ୍ଷତା ବୃଦ୍ଧିରେ ଶିକ୍ଷଣ ଭିତ୍ତିକ କର୍ମଶାଳା ସେମାନଙ୍କୁ ଖୋରାକ ଯୋଗାଇବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଶିକ୍ଷକ ସଂଘର ସଭାପତି ଦେବାଶିଷ ବେହେରା ଓ ପୂର୍ବତନ ସିଆର୍‌ସିସି ତରୁଣ କୁମାର ଜେନା ଶିକ୍ଷକମାନଙ୍କୁ ଉପାଦେୟ ପରାମର୍ଶ ରଖିଥିଲେ। ଅନୁରୂପ ଭାବେ ଉଦ୍‌ଘାଟନୀ ସଭାରେ ଉପରୋକ୍ତ ଅତିଥିମାନେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ସୁଚିତ୍ରା ସିଂ ଧନ୍ୟବାଦ ଦେଇଥିଲେ। ଏଥିରେ କ୍ଲଷ୍ଟରର ବିଭିନ୍ନ ସ୍କୁଲରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମରେ ନିୟୋଜିତ ଥିବା ଶିକ୍ଷକମାନେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 08/ET/SBP/ENGG/2025-26, ତା.22.04.2025ରିଖ

**(1) ଇ-ଟେଣ୍ଡର ସଂ. 01-eT-SDENW-SBP-25**
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ଼ (IN)-ଟିଟିଲାଗଡ଼ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,72,38,297.79, ବିଡ୍ ସିକ୍ୟୁରିଟୀ : ₹ 2,36,200/-

**(2) ଇ-ଟେଣ୍ଡର ସଂ. 02-eT-SDENW-SBP-25**
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ପରିସୀମା ଅଧୀନସ୍ଥ ଲଖୋଲି (EX)-ନୂଆପଡ଼ା ରୋଡ଼ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,69,40,591.89, ବିଡ୍ ସିକ୍ୟୁରିଟୀ : ₹ 2,34,800/-

**(3) ଇ-ଟେଣ୍ଡର ସଂ. 03-eT-SDENW-SBP-25**
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ନୂଆପଡ଼ା ରୋଡ଼ (IN)-ଟିଟିଲାଗଡ଼ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 51,39,303.19, ବିଡ୍ ସିକ୍ୟୁରିଟୀ : ₹ 1,02,800/-

**(4) ଇ-ଟେଣ୍ଡର ସଂ. 04-eT-SDENW-SBP-25**
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଲଖୋଲି (EX)-ନୂଆପଡ଼ା ରୋଡ଼ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 99,58,714.56, ବିଡ୍ ସିକ୍ୟୁରିଟୀ : ₹ 1,99,200/-

**(5) ଇ-ଟେଣ୍ଡର ସଂ. 01-eT-SETT-SBP-25**
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ କଲୋନୀ ଏରିଆରେ ବିଟୁମିନସ୍ (Bituminous) ରୋଡ଼ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 62,37,331.16, ବିଡ୍ ସିକ୍ୟୁରିଟୀ : ₹ 1,24,800/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (କ୍ରମ ସଂଖ୍ୟା 1, 2, 3 ଓ 4 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂଖ୍ୟା 5 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 16.05.2025, 1500 ଘଣ୍ଟିକା (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-69/Q/25-26

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମଇ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୨.୦୫.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନସନ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୫.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0058/25

**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj.**
**e-Procurement Notice**
**e-Tender Ref No.-1/RCD/Daltonganj/2025-26/ 401**
**Dated:-24.04.2025**

| | | |
|---|---|---|
| 1. | Name of Work | Construction of Bridge/High Level Bridge at Ch 16.00 Km of Patan -Daltonganj (Bairiya Chowk to Saguna More) Road for the year 2025-26. |
| 2. | Estimated Cost | Rs. 10,20,46,031.00 (Rupees Ten Crore Twenty Lacs Forty Six Thousand Thirty One) Only. |
| 3. | Bid Security (Amount) | Rs. 10,20,500.00 (Rupees Ten Lacs Twenty Thousand Five Hundred) Only. |
| 4. | Time of Completion | 18 Months |
| 5. | Date of Publication of Tender on Website | 08.05.2025, 10:30 AM |
| 6. | Last Date/Time of Online Bid Submission | 29.05.2025, 12:00 Noon |
| 7. | Date and Time of Bid opening | 30.05.2025, 12.30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562—225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e Procurement cell | 0651-2401010 |

**Note : Estimated amount may vary.**
For further details can be seen on website http://jharkhandtenders.gov.in

Executive Engineer
Road Construction Department
Road Division, Daltonganj.

PR 351028 Road(25-26)D

**କାନାରା ବ୍ୟାଙ୍କ Canara Bank**
ଭାରତ ସରକାରଙ୍କ ଉଦ୍ୟୋଗ — A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ନିମାପଡା ଶାଖା (୩୪୫୪) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ଶ୍ରୀ ବେଦ ପ୍ରକାଶ ବରାଳ, ପିତା: ✓ ବିଭୁ ଦତ୍ତ ବରାଳ, ୨) ✓ ବିଭୁ ଦତ୍ତ ବରାଳ, ପିତା: ✓ ଅଭିମନ୍ୟୁ ବରାଳ / ✓ ବିଭୁ ଦତ୍ତ ବରାଳଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ବେଦ ପ୍ରକାଶ ବରାଳ, ପିତା: ✓ ବିଭୁ ଦତ୍ତ ବରାଳ, ୨) ଶ୍ରୀମତୀ ଶୋଭାରାଣୀ ବରାଳ, ସ୍ୱାମୀ: ✓ ବିଭୁ ଦତ୍ତ ବରାଳ, ୩) ଶ୍ରୀମତୀ ବିଦ୍ୟୁଲତା ବରାଳ, ସ୍ୱାମୀ: ✓ ଅଭିମନ୍ୟୁ ବରାଳ, ସମସ୍ତଙ୍କ ଠିକଣା- ସା/ପୋ: ବଳଙ୍ଗା, ବଳଙ୍ଗା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ନିକଟ, ପୁରୀ-୭୫୨୧୦୫ | (କ) ✓ ବିଭୁ ଦତ୍ତ ବରାଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ଥାନା: ନିମାପଡ଼ା, ଥାନା ନଂ.: ୬୧, ସବ୍-ରେଜିଷ୍ଟର୍ଡ: ନିମାପଡା, ତହସିଲ: ନିମାପଡା, ମୌଜା: ବଳଙ୍ଗା, ଖାତା ନଂ.: ୧୮୫୯/୩୦୫, ପ୍ଲଟ୍ ନଂ.: ୬୮୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ବକ୍ରେଶ୍ୱର ମନ୍ଦିର ଜମି, ପୂର୍ବ: ଭାଗିରଥୀ ବେହେରା, ପଶ୍ଚିମ: ବିଶ୍ୱରଞ୍ଜନ ବିଶ୍ୱାଳ, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୧୧୭୦୩୬୩୫ / (ଖ) ୦୭.୦୨.୨୦୨୫ / (ଗ) ୨୨.୦୪.୨୦୨୫ / (ଘ) ଟ.୧,୫୯,୨୧୧.୪୪ (ଏକ ଲକ୍ଷ ଅଣଷଠି ହଜାର ଦୁଇ ଶହ ଏଗାର ଟଙ୍କା ଏବଂ ଚଉରାଳିଶି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ଜଟଣୀ ଶାଖା (୩୬୭୩) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ଜ୍ୟୋତିକ୍ଷା ଟ୍ରେଡ୍ରର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତା, ପିତା: ଲୋକନାଥ ପ୍ରସାଦ ଗୁପ୍ତା, ୨) ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତା, ପିତା: ଲୋକନାଥ ପ୍ରସାଦ ଗୁପ୍ତା, ଉଭୟଙ୍କ ଠିକଣା- ବଡ଼ବଜାର, ଶ୍ରୀରାମ ମାର୍କେଟ କମ୍ପ୍ଲେକ୍ସ ନିକଟ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୦ | (କ) ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଜଟଣୀ, ଥାନା ନଂ.: ୩୬, ସବ୍-ରେଜିଷ୍ଟର୍ଡ: ଜଟଣୀ, ତହସିଲ: ଜଟଣୀ, ମୌଜା: ଜଟଣୀ, ମ୍ୟୁଟେସନ୍ ଖାତା ନଂ.: ୧୦୨/୪୫୮, ପ୍ଲଟ୍ ନଂ.: ୯୯/୩୯୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ସବ୍-ରେଜିଷ୍ଟ୍ରାର ଅଫିସ୍, ଜଟଣୀ ଅନ୍ତର୍ଗତ, ଅନୁରୂପ ପୁରୁଣା ଖାତା ନଂ.: ୧୦୨/୩୪, ମୌଜା: ଜଟଣୀ, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୧୦୧ ଏବଂ ୧୦୨, ପୂର୍ବ: ପ୍ଲଟ୍ ନଂ. ୯୯ର ଅଂଶ, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୧୦୦, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୭୩୬୪୬୪୨୨ / (ଖ) ୧୨.୦୨.୨୦୨୫ / (ଗ) ୨୧.୦୪.୨୦୨୫ / (ଘ) ଟ.୩୯,୩୨,୫୧୨.୦୧ (ଅଣଚାଳିଶି ଲକ୍ଷ ବତିଶି ହଜାର ପାଞ୍ଚ ଶହ ବାର ଟଙ୍କା ଏବଂ ଏକ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ପୁରୀ-୧ ଶାଖା (୧୪୩୯) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ରୟାଲ ଏଣ୍ଟରପ୍ରାଇଜେସ୍ ଆଣ୍ଡ ସପ୍ଲାଏର୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ କୋଭିରି ରାୟାଲୁ, ୨) ଶ୍ରୀମତୀ କୋଭିରି ରାୟାଲୁ, ସ୍ୱାମୀ: ✓ କୋଭିରି ପ୍ରସାଦ/ ଜାମିନ୍‌ଦାର: ଶ୍ରୀ ମାର୍କ କୋଭିରି, ପିତା: ✓ କୋଭିରି ପ୍ରସାଦ, ସମସ୍ତଙ୍କ ଠିକଣା- ସା: ପେଣ୍ଠକଟା, ନୋଳିଆ ସାହି, ସି.ଟି. ରୋଡ଼, ପୁରୀ, ଓଡ଼ିଶା, ପିନ୍-୭୫୨୦୦୨ | (କ) ଶ୍ରୀମତୀ କୋଭିରି ରାୟାଲୁଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚକ୍ରତୀର୍ଥ, ଖାତା ନଂ.: ୨୩୨, ପ୍ଲଟ୍ ନଂ.: ୪୦୭, କ୍ଷେତ୍ର: ଏକର୦.୦୬୪ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଅନୁରୂପ ପୁରୁଣା ସାବିକ ମୌଜା: ବାଲୁଖଣ୍ଡ, ସାବିକ ଖାତା ନଂ.: ୧୫୧, ସାବିକ ପ୍ଲଟ୍ ନଂ.: ୧୧୬୩, କ୍ଷେତ୍ର: ଏକର୦.୦୬୪ଡିସିମିଲି, ଥାନା: ପୁରୀ ଟାଉନ, ଥାନା ନଂ. ୨୭, ସବ୍-ରେଜିଷ୍ଟ୍ରାର ଅଫିସ୍: ପୁରୀ ସହର, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପୂର୍ବ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପଶ୍ଚିମ: ରାସ୍ତା, **ସିଇଆର୍‌ଏସ୍‌ଏଆଇ ଆଇଡି:** ୪୦୦୦୧୮୧୯୨୪୭୦ / (ଖ) ୨୨.୦୨.୨୦୨୪ / (ଗ) ୨୫.୦୪.୨୦୨୫ / (ଘ) ଟ.୬୮,୨୧,୨୩୪.୬୩ (ଅଠଷଠି ଲକ୍ଷ ଏକୋଇଶି ହଜାର ଦୁଇ ଶହ ଚଉତିରିଶି ଟଙ୍କା ଏବଂ ତେଷଠି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୨୫.୦୪.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
କାନାରା ବ୍ୟାଙ୍କ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ସର୍ବସାଧାରଣ ନୋଟିସ୍‌ଟି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏକ ନୋଟିସ୍ ଭାବେ ଗ୍ରହଣ କରାଯିବ। ସେମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ନିଲାମ ତାରିଖ ପୂର୍ବରୁ ସମସ୍ତ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ଗାଡ଼ିଗୁଡ଼ିକ ନିଲାମ କରାଯିବ ଏବଂ ବକେୟା ଯଦି କିଛି ରହିଯାଏ ତାହା ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ଶ୍ରୀ କ୍ଷିରୋଦ କୁମାର ମହାନ୍ତି | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K9757 ଇଞ୍ଜିନ ନଂ.: LDHZ407946 ଚେସିସ୍ ନଂ.: MB1NGCHD4LRDE5761 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୨. | ଯୋଡା | ଶ୍ରୀ ବିଜୟ କୁମାର ସିଂହ | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K8287 ଇଞ୍ଜିନ ନଂ.: LDHZ407308 ଚେସିସ୍ ନଂ.: MB1NGCHD2LRDE4513 | ଟ.୧୩,୧୨,୫୦୦/- / ଟ.୧,୩୧,୨୫୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୩. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5464, ଇଞ୍ଜିନ ନଂ.: 91B84863776, ଚେସିସ୍ ନଂ.: MAT466621K5C04526 | ଟ.୮,୫୦,୫୦୦/- / ଟ.୮୫,୦୫୦/- | ଏସ୍ ଆଣ୍ଡ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |

ନିଲାମ ତାରିଖ: ୧୫.୦୫.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଇ-ନିଲାମ ପୋର୍ଟାଲ **https://baanknet.com**

ଅମାନତ ରାଶି, ଦରଖାସ୍ତ ଏବଂ କାଗଜାତ୍ ଜମା କରିବାର ଅନ୍ତିମ ତାରିଖ: ୦୫.୦୫.୨୦୨୫ ରୁ ୧୫.୦୫.୨୦୨୫, ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା

